## ସଂକ୍ଷେପରେ

### ବନ୍ୟପ୍ରାଣୀ ଅସୁରକ୍ଷିତ

କେନ୍ଦୁଝର,୧୩।୨(ସ୍ୱ.ପ୍ର.): କେନ୍ଦୁଝର ବନଖଣ୍ଡରେ ବନ୍ୟପ୍ରାଣୀ ଅସୁରକ୍ଷିତ ହୋଇପଡିଛନ୍ତି। କେନ୍ଦୁଝର ଜିଲାର ଥିବା ଜଙ୍ଗଲରେ ଜଙ୍ଗଲୀ ବାର୍ହା, କୁଟୁରା, ଝିଙ୍କ, ଭାଲୁ, ବଣକୁକୁଡା, ହାତୀ, ହରିଣ ଆଦି ବହୁମାତ୍ରାରେ ବସବାସ କରିଥାନ୍ତି। ଶିକାରୀମାନେ ଜଙ୍ଗଲ ଭିତରେ ଫାଶ ପକାଇ ବା ବିଦ୍ୟୁତ ତାର ବିଛାଇ ବନ୍ୟପ୍ରାଣୀ ଶିକାର କରୁଛନ୍ତି। ଏଭଳି ବିଭିନ୍ନ ସମୟରେ ଶିକାରୀମାନେ ଶୀକାର କରୁଥିବା ବେଳେ କେତେକାଂଶରେ ବନ ବିଭାଗ ଧରିବାରେ ସଫଳ ହେଉଥିଲେ ହେଁ ଅନେକ ସମୟରେ ଧରପଗଡ଼ ହେଉନାହିଁ। ତାର ଟଣାଯାଉଥିବାରୁ ଜଙ୍ଗଲାଞ୍ଚଳକୁ ଯାଉଥିବା ବନବାସୀଙ୍କ ପାଇଁ ମଧ୍ୟ ବିପଦର କାରଣ ହୋଇଥାଏ। ବନ ବିଭାଗ ପଦକ୍ଷେପ ନେଇପାରିଲେ ହିଁ ବନ୍ୟ ପ୍ରାଣୀଙ୍କ ଜୀବନ ରକ୍ଷା କରାଯାଇପାରନ୍ତା ବୋଲି ପରିବେଶପ୍ରେମୀ ଡକ୍ଟର ବିମ୍ବାଧର ବେହେରା କହିଛନ୍ତି। ସେହିପରି ଜଙ୍ଗଲାଞ୍ଚଳରେ ଖଣି ଚୋରାକାରବାର ଯୋଗୁ ବ୍ୟାପକ ରାଜସ୍ୱ କ୍ଷତି ସହ ପରିବେଶ ନଷ୍ଟ ହେଉଛି। କାଠ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ କରାଯାଉଥିବାରୁ ବନ୍ୟପ୍ରାଣୀଙ୍କ ଆବସ ସ୍ଥଳୀ ନଷ୍ଟ ହେଉଛି। ବନ ବିଭାଗ ନିୟମିତ ପାଦଚଲା ପାଟ୍ରୋଲିଂ କରୁ ନ ଥିବାରୁ ଶିକାରୀ ତଥା ମାଫିଆ ସକ୍ରିୟ ହୋଇପଡିଛନ୍ତି। ବନ ବିଭାଗର ଖାମଲିଆଲି ମନୋଭାବ ଯୋଗୁଁ ଏପରି ଘଟଣା ବାରମ୍ବାର ଘଟୁଛି। ଅନେକ ସମୟରେ ଶିକାରୀ ହାତୀ ଦାନ୍ତ ପାଇଁ ହାତୀ ମଧ୍ୟ ଶିକାର କରୁଛନ୍ତି। ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ କେନ୍ଦୁଝର ଡିଭିଜନର ଚମ୍ପୁଆ, ବଡବିଲ, ସଦର, ତେଲକୋଇ, ପାଟଣା ଡେପୁଟି ଆଦି ରେଞ୍ଜରେ ବନ୍ୟଜନ୍ତୁ ଅବାଧ ଶିକାର ହେଉଥିବା ଅଭିଯୋଗ ହୋଇଛି।

### ୪ ଘଣ୍ଟା ଚଢ଼ାଉ, ମିଳିଲା ୨୦ଖଣ୍ଡ କାଠ

ଖଇରା,୧୩।୨(ଡି.ଏନ.ଏ.): ଏସିଏଫ ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ଗ୍ରାମର ଶାନ୍ତି ଦାସଙ୍କ ଘରେ ଚଢ଼ାଉ କରି କିଛି ଝରକା ବନ୍ଧ ଓ ପଟା ଜବତ କରିବାକୁ ସମର୍ଥ ହୋଇଛି। ତେବେ ୪ଘଣ୍ଟାର ଚଢ଼ାଉ ପରେ ମାତ୍ର ୨୦ଖଣ୍ଡ ବନ୍ଧ ଓ ପଟା ଜବତ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ୨ବର୍ଷ ପୂର୍ବରୁ କାଠ ବ୍ୟବସାୟ ଛାଡିସାରିଥିବା ବେଳେ ହଠାତ ନିର୍ବାଚନ ସମୟରେ ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ନାୟକ କହିଛନ୍ତି। ଘର ତିଆରି ପାଇଁ ଏହି କାଠ ରଖାଯାଇଥିବା ଶାନ୍ତି ଦାସଙ୍କ ପରିବାର ଲୋକେ କହିଛନ୍ତି। ଏ ସମ୍ପର୍କରେ ଏସିଏଫ୍ ଜେନାଙ୍କୁ ପଚାରିବାରେ ସେ ଏଭଳି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

### ଛାତରୁ ପଡ଼ି ଯୁବତୀ ଗୁରୁତର

ଜଟଣୀ,୧୩।୨(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାଜାବଜାର ଗଜପତି ନଗର ଅଞ୍ଚଳରେ ରବିବାର ଏକ ଅଘଟଣ ଘଟିଛି। ଛାତରୁ ଖସିପଡ଼ି ଜଣେ ଯୁବତୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବି. ରଜନୀ(୨୨)। ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ରଜନୀ ସକାଳେ ଛାତ ଉପରକୁ ଲୁଗା ଶୁଖାଇବାକୁ ଯାଇଥିଲେ। ଛାତରେ ମାଙ୍କଡ଼ ଥିବା ବେଳେ କୌଣସି କାରଣବଶତଃ ସେ ଛାତରୁ ତଳକୁ ଖସିପଡ଼ିଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଓ ସାମାଜିକ କର୍ମୀ ଚିତ୍ତରଞ୍ଜନ ଦଳାଇ ସଙ୍ଗେସଙ୍ଗେ ରଜନୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଛି। ରଜନୀଙ୍କ ଅଣ୍ଟା ଓ ବାମଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି।

# ପ୍ରାର୍ଥୀ ଉଚ୍ଚଶିକ୍ଷିତା, ସ୍ୱାମୀ ରାଜନୀତିରେ ଦକ୍ଷ

**ଜଗତ୍‌ସିଂହପୁର ଅଫିସ, ୧୩।୨**

### ତିର୍ତ୍ତୋଲ ଜିଲା ପରିଷଦ ୨ନଂ. ଜୋନ୍



- ବ୍ଲକ ଅଧ୍ୟକ୍ଷା ହୋଇଛନ୍ତି ବିଜେଡି ପ୍ରାର୍ଥୀ
- କଂଗ୍ରେସ, ବିଜେଡି, ଭାଜପାରେ ତ୍ରିମୁଖୀ ଲଢ଼େଇ

ତିର୍ତ୍ତୋଲ ଜିଲା ପରିଷଦ ୨ ନଂ. ଜୋନ୍‌ରୁ ବ୍ଲକ ଅଧ୍ୟକ୍ଷା ଏଥର ବିଜେଡିରୁ ଜିଲା ପରିଷଦ ସଭ୍ୟ ପାଇଁ ପ୍ରାର୍ଥୀ ହୋଇଛନ୍ତି। ବିଜେଡି, ଭାଜପା ପ୍ରାର୍ଥୀଦ୍ୱୟ ଉଚ୍ଚଶିକ୍ଷିତ ହୋଇଥିବାବେଳେ କଂଗ୍ରେସ ପ୍ରାର୍ଥୀଙ୍କ ସ୍ୱାମୀ ରାଜନୀତିରେ ଦକ୍ଷ। ଗତ ନିର୍ବାଚନରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥର କିନ୍ତୁ ଜୋନ୍‌ରେ ରାଜନୈତିକ ଦୃଶ୍ୟପଟରେ କେତେକାଂଶରେ ପରିବର୍ତ୍ତନ ହୋଇଛି। ଭାଜପାର ଶକ୍ତି ବୃଦ୍ଧି ହୋଇଥିବାରୁ ଏଠାରେ ତ୍ରିମୁଖୀ ଲଢେଇ ଆଶା କରାଯାଉଥିବା ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

ତିର୍ତ୍ତୋଲ ୨ନଂ. ଜୋନଟି ଗତଥର ପଛୁଆବର୍ଗଙ୍କ ପାଇଁ ସଂରକ୍ଷିତ ଥିଲା। କିନ୍ତୁ ଏଥର ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହି ଜୋନ୍ କୋଲର, ମଣିଜଙ୍ଗା, ପୋରଗଦେଇ, ତରଜଙ୍ଗା, ତିର୍ତ୍ତୋଲ, ଜଡତିରା ଓ ତେନ୍ତୁଳିପଦା ପଞ୍ଚାୟତକୁ ନେଇ ଗଠିତ। ଗତ ନିର୍ବାଚନରେ ଜୋନର ଭୋଟର ସଂଖ୍ୟା ୨୯,୪୩୩ ଥିଲା। କିନ୍ତୁ ଏଥର ଅଧିକ ୧୮୬୮ ଜଣ ଯୋଡି ହୋଇଛନ୍ତି। ୨୦୧୭ ନିର୍ବାଚନ ଫଳାଫଳ ଦେଖିଲେ ଜଣାଯାଏ ଏହି ଜୋନରୁ ବିଜେଡି ପ୍ରାର୍ଥୀ ପ୍ରବୀର କୁମାର ରାୟଙ୍କୁ ୧୦,୩୪୮ ଖଣ୍ଡ, ଅର୍ଥାତ୍ ମୋଟ ମତଦାନର ୩୫.୧୫% ଭୋଟ ମିଳିଥିଲା। କଂଗ୍ରେସର ଅଜୟ କୁମାର ସାହୁଙ୍କ ସପକ୍ଷରେ ୮୨୫୪ ଖଣ୍ଡ, ଅର୍ଥାତ୍ ୨୮.୦୪% ଭୋଟ ଯାଇଥିଲା। ଭାଜପାର ଶିବ ପ୍ରସାଦ ସାହୁଙ୍କୁ ୫୩୬୩ ଖଣ୍ଡ, ଅର୍ଥାତ୍ ୧୮.୨୨% ଭୋଟ ମିଳିଥିଲା। ତେବେ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସାହୁଙ୍କଠାରୁ ବିଜେଡିର ରାୟ ଅଧିକ ୨୦୯୪ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏଥର ବିଜେଡିରୁ ସୁଜାତା ମହାନ୍ତି, ଭାଜପାରୁ ଝରାଶ୍ରୀ ରାଉତ, କଂଗ୍ରେସରୁ ସଙ୍ଗୀତା ଦାସ ଓ ସ୍ୱାଧୀନ ଭାବେ ସୁଭାସିନୀ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ବାସ୍ତବରେ କିନ୍ତୁ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢେଇ ହେବ। ଭାଜପା ପ୍ରାର୍ଥୀ ରାଉତ ଜଣେ ଉଚ୍ଚଶିକ୍ଷିତ ମହିଳା। ସେ ସ୍ନାତକ ପରେ ବିଏଡ୍ କରି ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷୟିତ୍ରୀ ଥିଲେ। ପରେ ଛାଡି ଦେଇଥିଲେ। ସେ ଏବେ ଜିଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ରହିଛନ୍ତି। ସ୍ୱାମୀ ତାପସ କୁମାର ମହାନ୍ତି ଭାଜପା କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ ସାଙ୍ଗକୁ ସ୍ୱଚ୍ଛ ଭାରତ ଜିଲା ସଂଯୋଜକ ଅଛନ୍ତି। ରାଜନୀତିରେ ପୁରୁଣା।

ତାପସ ପ୍ରଥମେ କଂଗ୍ରେସ ଓ ପରେ ବିଜେଡି ଓ ୨୦୧୪ରୁ ଭାଜପାରେ ସକ୍ରିୟ ରହିଛନ୍ତି। ରାଉତଙ୍କ କହିବାନୁସାରେ, ବିଜେଡି ଶାସନ ସମୟରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରୁନାହାନ୍ତି। ନାରୀ ନିର୍ଯାତନା ଚରମ ସୀମାରେ ପହଞ୍ଚିଲାଣି। ବିନା ଲାଞ୍ଚରେ କୌଣସି କାମ ହେଉନି। ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ନାଁରେ ହରିଲୁଟ୍ ଚିନ୍ତାର କାରଣ ହୋଇଛି। ଏଥର ଜୋନ୍ ଅନ୍ତର୍ଗତ ୭ ପଞ୍ଚାୟତରେ ଭାଜପା ସପକ୍ଷରେ ସନ୍ତୋଷଜନକ ଭୋଟ ଆସିବ। ତେନ୍ତୁଳିପଦା ନିଜ ପଞ୍ଚାୟତ। ଏହାସହ ତିର୍ତ୍ତୋଲ ଓ ପର୍‌ଗଦେଇରୁ ଅଧିକ ଭୋଟ ଆସିବା ଆଶା କରାଯାଉଥିବା ରାଉତ କହିଛନ୍ତି। ବିଜେଡି ପ୍ରାର୍ଥୀ ମହାନ୍ତି ମଧ୍ୟ ଉଚ୍ଚଶିକ୍ଷିତ। ସ୍ନାତକ ପରେ ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷୟିତ୍ରୀ ଥିଲେ। ପରେ ଚାକିରି ଛାଡି ରାଜନୀତିରେ ପାଦ ଥାପି ସଫଳ ହୋଇ ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ହୋଇଥିଲେ। ବ୍ଲକ ଅଧ୍ୟକ୍ଷା ଥିବାରୁ ପ୍ରତି ପଞ୍ଚାୟତରେ ଲୋକ ସମ୍ପର୍କ ରହିଛି। କେବଳ ଏତିକି ନୁହେଁ ଏବେ ସେ ଜିଲା ମହିଳା ଜନତା ଦଳ ଉପସଭାପତି ଅଛନ୍ତି। ତେଣୁ ଜନମତ ତାଙ୍କ ସପକ୍ଷରେ ଯିବ ବୋଲି ମହାନ୍ତି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଦାସ ମଧ୍ୟ କମ୍ ନୁହନ୍ତି। ସେ କହିଛନ୍ତି, ବିଜେଡିର ଟାଣୁଆ ନେତା ଦେବାଶୀଷ ସାମନ୍ତରାୟ ଯେତେବେଳେ ତିର୍ତ୍ତୋଲ ବିଧାୟକ ଥିଲେ ସେତେବେଳେ ଅର୍ଥାତ୍ ୨୦୦୭ରୁ ୨୦୧୨ ମସିହା ପର୍ଯ୍ୟନ୍ତ ତାଙ୍କ ସ୍ୱାମୀ ଏହି ଜୋନ ଅନ୍ତର୍ଗତ କୋଲର ପଞ୍ଚାୟତ କଂଗ୍ରେସ ସମର୍ଥିତ ସରପଞ୍ଚ ଥିଲେ। ବଡ କଥା ହେଲା ରାହାମାଠାରୁ ତାରପୁର ପର୍ଯ୍ୟନ୍ତ ଅଞ୍ଚଳରେ ଯେଉଁ ପରିଚିତ ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟା ନେଇ କଟକ ବଡ ଡାକ୍ତରଖାନା ଯାଆନ୍ତି ସେମାନଙ୍କୁ ଚିକିତ୍ସା କ୍ଷେତ୍ରରେ ତାଙ୍କ ସ୍ୱାମୀ ସହଯୋଗ କରିଥାନ୍ତି। ଏହି କାରଣରୁ ଲୋକଙ୍କ ଆଶୀର୍ବାଦ ରହିଛି। ଏହାଛଡ଼ା ବିରୋଧୀ ଦଳର ଅସନ୍ତୁଷ୍ଟ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀମାନେ କଂଗ୍ରେସ ମୁହାଁ ହୋଇଛନ୍ତି। ତେଣୁ ଏଥର ଜନମତ ତାଙ୍କ ସପକ୍ଷରେ ଯିବ ବୋଲି ଦାସ କହିଛନ୍ତି। ଏଭଳି ସ୍ଥିତିରେ ଆଗକୁ ସମୀକରଣ କେଉଁ ଆଡ଼କୁ ମୋଡ ନେଉଛି ତାହା ଦେଖିବାକୁ ବାକି ରହିଲା।

## ଶଗଡ଼ରେ ପ୍ରଚାର



**ବାଲିଗୁଡା, ୧୩।୨(ସ୍ୱ.ପ୍ର.)**

ବାଲିଗୁଡା ବ୍ଲକ ବୋରିକିନା ୧୦ ନଂ. ୱାର୍ଡ ସଭ୍ୟ ପ୍ରାର୍ଥୀ ଜଗନ୍ନାଥ ସ୍ୱାଇଁ ନିଜ ନିର୍ବାଚନୀ ଚିହ୍ନ ଶଗଡ଼ ଗାଡ଼ିରେ ବସି ପ୍ରଚାର କରିଥିବା ଦେଖିବାକୁ ମିଳିଛି। ନିଜ ସପକ୍ଷରେ ଭୋଟରଙ୍କୁ ବାନ୍ଧି ରଖିବାକୁ ଏଭଳି ପନ୍ଥା ଆପଣେଇଛନ୍ତି। ଜଗା ଜଣେ ଚାଟ୍ ବେପାରୀ। ନିର୍ବାଚନ ପାଇଁ ଘରକୁ ଘର ବୁଲି ଭୋଟରଙ୍କୁ ଭେଟି ନିଜ ସପକ୍ଷରେ ଭୋଟ ମାଗୁଛନ୍ତି। କେତେବେଳେ ସାଙ୍ଗରେ ଢୋଲ୍କି ବାଜା ସାଙ୍ଗକୁ ଜଣେ କିନ୍ନରଙ୍କୁ ସେ ନିଜ ପ୍ରଚାରରେ ସାମିଲ କରିଛନ୍ତି। କିନ୍ନର ମନୀଷା ମଲ୍ଲିକ ଓରଫ୍ ମୁନା ଢୋଲ୍କି ବାଜାର ତାଳେ ତାଳେ ନାଚି ନାଚି ଭୋଟରଙ୍କୁ ମନୋରଞ୍ଜନର ଖୋରାକ ଯୋଗାଉଛନ୍ତି। ସେହିପରି ପ୍ରାର୍ଥୀ ସ୍ୱାଇଁ କେତେବେଳେ ପିଲାମାନଙ୍କ ପାଇଁ ଚାର୍ଟ ନେଇ ପହଞ୍ଚାଇଥାନ୍ତି ତ ଆଉ କେତେବେଳେ ଗୁପ୍‌ଚୁପ୍। ପୁଣି କେତେବେଳେ ଦହିବରା। ପିଲାଙ୍କ ପରେ ବୟସ୍କଙ୍କୁ ଚା' ବା କଫି ପିଆଇ ପ୍ରଚାରରେ ସ୍ୱାଇଁ ଅନ୍ୟମାନଙ୍କଠାରୁ ନିଆରା ହୋଇଛନ୍ତି। ଏଭଳି ଢଙ୍ଗର ପ୍ରଚାର ବାଲିଗୁଡା ଅଞ୍ଚଳ ପାଇଁ ପୂରା ନୂଆ। ଭୋଟର ବି ଏହାର ବେଶ୍ ମଜା ଉଠାଉଛନ୍ତି।

# ଭଲିବଲ୍ ଟୁର୍ନାମେଣ୍ଟ: ନାରଦା ଟିମ୍ ଚାମ୍ପିୟନ

**ବିରିଡି, ୧୩।୨(ଡି.ଏନ୍.ଏ.)**

ବିରିଡି ବ୍ଲକ ହାଜିପୁରସ୍ଥିତ ଦୁଦୁରାମ ପାଟଣା କ୍ଲବରେ ଭଲି ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପଞ୍ଚସଖା ଯୁବକ ସଂଘ ପକ୍ଷରୁ ଚାଲିଥିବା ଏହି ଟୁର୍ନାମେଣ୍ଟରେ ନାରଦା ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ନାରଦା ଓ ଥୋରିଆପଡା ଟିମ୍ ମଧ୍ୟରେ ଖେଳାଯାଇଥିଲା। ଏଥିରେ ନାରଦା ଟିମ୍ ୨-୧ ସେଟରେ ବିଜୟୀ ହୋଇଛି। ଧ୍ୟାନକୁଦ ପୀଠଧୀସ ବାବା ଅରକ୍ଷିତ ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ବେଣୁଧର ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଭାତ କୁମାର ନନ୍ଦୀ, ବିଜୟ କୁମାର ମିଶ୍ର, ବିଭୁଦତ୍ତ ସାହୁ, କୃଷ୍ଣଚନ୍ଦ୍ର ମିଶ୍ର,ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ଆଠଟି ଟିମ୍ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଉଦ୍‌ଘାଟନୀ ସଭାର ଅତିଥିମାନେ ଯୋଗଦେଇ ନାରଦା ଟିମ୍‌କୁ ଚମ୍ପିୟାନ ଟ୍ରଫି ଓ ଥୋରିଆପଡାକୁ ରନର୍ସଅପ୍ କପ ପ୍ରଦାନ କରିଥିଲେ। ଜିସାନ ଅଖତର ଖେଳ ପରିଚାଳନା କରିଥିଲେ।



ଅତିଥିମାନେ ବିଜୟୀ ଟିମ୍‌କୁ ପୁରସ୍କୃତ କରୁଛନ୍ତି।

# ପ୍ରବାସୀ ଶ୍ରମିକଙ୍କୁ ମରଣାନ୍ତକ ଆକ୍ରମଣ

**ପାରାଦୀପ, ୧୩।୨(ସ୍ୱ.ପ୍ର.)**

## ମୋବାଇଲ୍ ନ ଦେବାରୁ ରାଗିଗଲେ ସାଥୀ

ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଦୋଛକି ନିକଟସ୍ଥ ଉଦୟବିହାର ଏଲ୍ ଆଣ୍ଡ ଟି ଲେବର କଲୋନୀରେ ଶନିବାର ରାତିରେ ଜଣେ ପ୍ରବାସୀ ଶ୍ରମିକଙ୍କୁ ତାଙ୍କ ସାଙ୍ଗ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ଚିକିତ୍ସାଳୟ ଓ ପରେ କେନ୍ଦ୍ରାପଡା ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ ଉତ୍ତରପ୍ରଦେଶର କୁଶିନପୁର ଜିଲା ବିହାରଖୁର୍ଦ୍ଦ ଅଞ୍ଚଳର ଶାମକାନ୍ତ ଗଣ୍ଡା। ଏହି ଅଭିଯୋଗରେ ଉକ୍ତ ଅଞ୍ଚଳର ସାଥୀ ଶ୍ରମିକ ବାଲ୍ମୀକି ଗଣ୍ଡାଙ୍କୁ ଗିରଫ କରାଯାଇଛି। ଏନେଇ ଘରମାଲିକ ଟିଙ୍କୁ ପଟ୍ଟନାୟକଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା (ନଂ. ୪୦/୨୨)ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଶ୍ୟାମକାନ୍ତ ଓ ବାଲ୍ମୀକି ଆଉ କେତଜଣ ଶ୍ରମିକଙ୍କ ସହ ଲେବର କଲୋନୀରେ ପଟ୍ଟନାୟକଙ୍କ ଘରେ ଭଡ଼ା ରହୁଥିଲେ। ଉଭୟେ ଏଲ ଆଣ୍ଡ ଟି କମ୍ପାନୀରେ କାମ କରନ୍ତି। ଶନିବାର ରାତିରେ କଥା ହେବା ପାଇଁ ଶାମକାନ୍ତଙ୍କୁ ବାଲ୍ମୀକି ମୋବାଇଲ ମାଗିଥିଲେ। ଶାମକାନ୍ତ ମନା କରିବାରୁ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ସମସ୍ତେ ଖାଇଶୋଇବା ପରେ ବିଳମ୍ବିତ ରାତିରେ ବାଲ୍ମୀକି ଏକ ଲୁହା ଟାଙ୍ଗିଆରେ ଶାମକାନ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇଯିବାରୁ ମୃତ୍ୟୁ ହୋଇଯାଇଥିବା ଭାବି ବାଲ୍ମୀକି ଶୋଇପଡ଼ିଥିଲେ। ସକାଳୁ ଏକଥା ଜଣାପଡ଼ିବା ପରେ ପୋଲିସରେ ଖବର ଦିଆଯାଇଥିଲା।

# କଂଗ୍ରେସ ସମର୍ଥକ ବିଜୟର ଚାବିକାଠି ପାଲଟିବେ

**ନିଶ୍ଚିନ୍ତକୋଇଲି, ୧୩।୨(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ୨୮ ନଂ. ଜିଲା ପରିଷଦ ଜୋନରେ ବିଜେଡ଼ି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି। ଅପରପକ୍ଷେ କଂଗ୍ରେସର ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ଏହି ଜୋନ୍ ମହମ୍ମଦପୁର, ଉତ୍ତରକୂଳ, ମଣିଜଙ୍ଗ, ବାବୁଜଙ୍ଗ, ମାଣପୁର, ଇଶାଣୀବରହମପୁର ଓ ଶିର୍ଲୋ ଆଦି ୭ ପଞ୍ଚାୟତକୁ ନେଇ ଗଠିତ। ଏସବୁ ପଞ୍ଚାୟତରେ ୧୧୮ଟି ୱାର୍ଡ ଏବଂ ୩୨,୮୩୭ ଭୋଟର ରହିଛନ୍ତି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତର ନିର୍ବାଚନରେ ଏହି ଜୋନରୁ ଭାଜପା ନେତା ଯଜ୍ଞସେନ ଶ୍ରୀଚନ୍ଦନ ନାୟକ ବିଜୟୀ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ସାମିଲ ହୋଇଛନ୍ତି। ଚଳିତ ନିର୍ବାଚନରେ ଜୋନ୍‌ରେ ବିଜେଡି ଓ ଭାଜପା ପ୍ରାର୍ଥୀ ଦେଇଥିଲା ବେଳେ କଂଗ୍ରେସର ସମର୍ଥକ ବିଜୟର ଚାବିକାଠି ହେବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। କଂଗ୍ରେସ ଭୋଟରକୁ ହାତେଇବା ପାଇଁ ଉଭୟ ଦଳ ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଏହି ଜୋନରେ ବିଜେଡି ପକ୍ଷରୁ ଶୁଭଶ୍ରୀ ମହାନ୍ତି ଓ ଭାଜପା ପକ୍ଷରୁ ଜିନିଲତା ଦାସ ଓ କଂଗ୍ରେସ ପକ୍ଷରୁ ନିରୂପମା ସାମନ୍ତରାୟ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମାତ୍ର ଯାଞ୍ଚ ସମୟରେ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଥିଲା। ବିଜେଡି ପ୍ରାର୍ଥୀ ମହାନ୍ତି ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ବାବୁଜଙ୍ଗ ପଞ୍ଚାୟତରେ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ସ୍ୱାମୀ ମନୋଜ ମହାନ୍ତି ମଧ୍ୟ ବାବୁଜଙ୍ଗର ସମିତି ସଭ୍ୟ ଥିଲେ। ସେ ଉତ୍ତରକୂଳ ସେବା ସମବାୟ ସମିତିର ୨ଥର ସଭାପତି ହୋଇଛନ୍ତି। ସ୍ୱାମୀଙ୍କ ବିକାଶମୂଳକ କାର୍ଯ୍ୟ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନକୁ ପାଥେୟ କରି ମହାନ୍ତି ନିର୍ବାଚନରେ ବିଜୟ ହେବାକୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଭାଜପା ପ୍ରାର୍ଥୀନୀ ଦାସ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନକୁ ନିର୍ବାଚନୀ ମୁଦା କରିଛନ୍ତି। ପୂର୍ବଥର ଭଳି ଚଳିତଥର ମଧ୍ୟ ଭାଜପା ବିଜୟୀ ହେବ ବୋଲି ଦାସ ଆଶାବ୍ୟକ୍ତ କରିଛନ୍ତି। ଆଗକୁ ଭୋଟର କାହା ସପକ୍ଷରେ ଯିବେ ତାହା ଦେଖିବାକୁ ବାକି ରହିଲା।

# ଆଇଆଇସି ଭୁବନେଶ୍ୱର ଚାମ୍ପିୟନ

**ତିର୍ତ୍ତୋଲ,୧୩।୨(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ପାରନ୍ଦା ଖେଳ ପଡ଼ିଆରେ ଚାଲିଥିବା ୧୫ ତମ ବାବୁଲା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆଇଆଇସି ଭୁବନେଶ୍ୱର ଚାମ୍ପିୟନ ହୋଇଛି। ମା'କନକ ସୁନ୍ଦରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଫାଇନାଲ ମ୍ୟାଚ ଆଇଆଇସି ଭୁବନେଶ୍ୱର ଓ ପିସିସି ପାରାଦୀପ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ଆଇଆଇସି ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଜବାବରେ ପିସିସି ପାରାଦୀପ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୫୭ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଆଇଆଇସି ଭୁବନେଶ୍ୱର ୮୦ ରନରେ ବିଜୟୀ ହୋଇଥିଲା। ହାଡିବନ୍ଧୁ ମଲ୍ଲିକ ଓ ଚନ୍ଦ୍ରଜିତ୍ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ବିଜୟୀ ଦଳର ବିଶଭୂଷଣ ବିହାରୀ ମ୍ୟାନ ଅଫ ଦି ମ୍ୟାଚ ଓ ଶମ୍ଭୁନାଥ ବେହେରା ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଅତିଥିଭାବେ ଯୁବ ନେତା ସମ୍ପଦ ଜେନା ଓ ଗୀତିକାର ଅରୁଣ ମନ୍ତ୍ରୀ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଟିମ୍।

# ୩ ନଂ. ଜୋନ୍‌ରେ ଚତୁର୍ମୁଖୀ ଲଢ଼େଇ

**ଏରସମା,୧୩।୨(ସ୍ୱ.ପ୍ର.)**

### ଏରସମା ବ୍ଲକ



ଏରସମା ବ୍ଲକର ୪ଟି ଜିଲା ପରିଷଦ ଜୋନ ମଧ୍ୟରୁ ୩ ନଂ. ଜୋନରେ ପ୍ରଚାର ଜୋର ଧରିଛି। ଏରସମା, ଜିରାଇଲୋ, ଜପା, ନୂଆଡିହି, ଭିତର ଅନ୍ଧାରୀ ଓ କୁଞ୍ଜକୋଠି ପଞ୍ଚାୟତକୁ ନେଇ ଉକ୍ତ ଜୋନ୍ ଗଠିତ। ଏଠାରେ ୨୮,୬୩୧ ଭୋଟର ମତଦାନ କରିବେ। ଏଥର ଏହି ଜୋନରୁ ଜିଲା ପରିଷଦ ପଦବୀ ପାଇଁ ୪ ନୂଆ ମୁହଁ ପ୍ରାର୍ଥୀ ହୋଇଛନ୍ତି। ବିଜେଡିର ପୀତବାସ ଗଛାୟତ, ଭାଜପାରୁ ନିରାକର ସ୍ୱାଇଁ, କଂଗ୍ରେସରୁ ନଳିନୀ ବେହେରା, ସିପିଆଇ ପକ୍ଷରୁ ଶଶିଭୂଷଣ ସ୍ୱାଇଁ ପ୍ରାର୍ଥୀ ହୋଇଛନ୍ତି। ଗତ ନିର୍ବାଚନରେ ଏହି ଜୋନରେ ବିଜେଡି ପ୍ରାର୍ଥୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ୫୭୪୨ ଖଣ୍ଡ ଅଧିକ ଭୋଟ ପାଇ ବିଜୟ ଲାଭ କରିଥିଲେ। ଜୋନଟି ବିଜେଡି ଗଡ ଭାବେ ପରିଚିତ ହୋଇଥିଲେ ହେଁ ଏଥର ଚତୁର୍ମୁଖୀ ଲଢେଇ ହେବ ବୋଲି ରାଜନୈତିକ ବିଶ୍ଳେଷକ ମତବ୍ୟକ୍ତ କରିଛନ୍ତି।

ଏହି ଜୋନରେ ବିଜେଡି ପକ୍ଷରୁ ବ୍ଲକ ସଭାପତି ପୀତବାସଙ୍କୁ ଜିଲା ପରିଷଦ ପ୍ରାର୍ଥୀ କରାଯାଇଛି। ନିର୍ବାଚନ ସମ୍ପର୍କରେ ପୀତବାସ କୁହନ୍ତି, ସେ ଦୀର୍ଘବର୍ଷ ହେଲା ବିଜେଡିରେ ସଫଳତାର ସହ କାର୍ଯ୍ୟ କରି ଆସୁଛନ୍ତି। ଏଥିସହ ସାମାଜିକ କାର୍ଯ୍ୟ, ଗାଁରେ ଏକତା ବଜାୟ ରଖିବା, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କୁ ସହାୟତା କରିବା କ୍ଷେତ୍ରରେ କାର୍ଯ୍ୟ କରୁଛି। ବିଜେଡିର ଲୋକାଭିମୁଖୀ କାର୍ଯ୍ୟ ଯୋଗୁ ତାଙ୍କୁ ଜନ ସମର୍ଥନ ମିଳିବ ବୋଲି ଆଶା ରଖିଛନ୍ତି। ଜୋନରୁ ଭାଜପା ପ୍ରାର୍ଥୀ ଭାବେ ନିରାକାର ନିର୍ବାଚନ ଲଢୁଛନ୍ତି। ସେ କୁହନ୍ତି, ବିଭିନ୍ନ ସାମାଜିକ କାର୍ଯ୍ୟ କରି ଆସୁଛି। ଏଥିସହ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତଙ୍କୁ ରାଜନୈତିକ ଗୁରୁ ଭାବେ ଗ୍ରହଣ କରି ରାଜନୀତିକୁ ଓହ୍ଲାଇଥିଲି। ବିଶେଷକରି ଦୀର୍ଘବର୍ଷ ହେଲା ଏରସମା ବ୍ଲକ ସଦର ମହକୁମାରେ ୧୨ଦିନ ଧରି ରଜ ମହୋତ୍ସବର ଆୟୋଜନ କରି ସେ ବ୍ଲକରେ ସାଂସ୍କୃତିକ ଏକତା ସୃଷ୍ଟି କରିଛନ୍ତି। ଏହି ନିର୍ବାଚନରେ ସେ ବିଜୟ ଲାଭ କରିବେ ବୋଲି ଆଶା ପ୍ରକଟ କରିଛନ୍ତି। ସିପିଆଇ ନେତା ତଥା ଅଖିଳ ଭାରତ କୃଷକ ସଭାର ରାଜ୍ୟ ସଭାପତି ଶଶିଭୂଷଣ ଏହି ଜୋନରେ ପ୍ରାର୍ଥୀ ହୋଇ ନିର୍ବାଚନ ଲଢୁଛନ୍ତି। ସେ ନିଜ ସପକ୍ଷରେ ଯୁକ୍ତି ଦର୍ଶାଇଛନ୍ତି ଯେ, ଅତୀତରେ ଏରସମା ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇ ଜନସାଧାରଣ ତଥା ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ବିଭିନ୍ନ ବିପର୍ଯ୍ୟୟ ସମୟରେ ସ୍ୱର ଉତ୍ତୋଳନ କରି ଆସୁଛି। ବିଶେଷ କରି ଗତ ଲଗାଣ ବର୍ଷାରେ ବ୍ଲକରେ ହୋଇଥିବା ବ୍ୟାପକ ଧାନ ଫସଲ ନଷ୍ଟ ପ୍ରତିବାଦରେ ଆମରଣ ଅନଶନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସାଧାରଣ ଜନତା ନିଶ୍ଚୟ ତାଙ୍କ ପ୍ରତି ଆସ୍ଥା ଭାଜନ ହେବେ ବୋଲି ମତ ସାବ୍ୟସ୍ତ କରିଛନ୍ତି। କଂଗ୍ରେସ ପକ୍ଷରୁ ନଳିନୀ ଏହି ଜୋନରେ ପ୍ରାର୍ଥୀ ହୋଇଛନ୍ତି। ନଳିନୀ ନୂଆ କରି ରାଜନୈତିକ ମଇଦାନକୁ ଓହ୍ଲାଇଛନ୍ତି। ତାଙ୍କ ସମ୍ପର୍କରେ ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର କୁହନ୍ତି, ସେ ଜଣେ ସଚ୍ଚୋଟ ଓ ଉଚ୍ଚ ଶିକ୍ଷିତ ଯୁବକ। ଯଦିଓ ତାଙ୍କର ରାଜନୈତିକ ପ୍ରତିଭା ପରିପକ୍ୱ ନୁହେଁ ତଥାପି ତାଙ୍କ ବାପା ସୁରେନ୍ଦ୍ର ବେହେରା ଜଣେ ନିଷ୍ଠାପର କଂଗ୍ରେସ କର୍ମୀ ଭାବରେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ପ୍ରଭାବ ଭୋଟରଙ୍କ ଉପରେ ପଡିବ ଓ ସେ ବିଜୟୀ ହେବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ତେବେ ନିର୍ବାଚନରେ କାହା ସପକ୍ଷରେ ଭୋଟର ମତ ସାବ୍ୟସ୍ତ କରି ବିଜୟୀ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ଶ୍ରମିକ ଯୋଗାଣ ନିମନ୍ତେ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନୋଟ୍ ବାକ୍ସ, ମୁଦ୍ରା ବ୍ୟାଗ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ପରିଚାଳନା ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟ ନିମନ୍ତେ ଶ୍ରମିକ ଉପଲବ୍ଧ କରାଇବା ପାଇଁ ଯୋଗ୍ୟ ଠିକାଦାରଙ୍କଠାରୁ ଦୁଇ ବିଡ୍ (ବୈଷୟିକ ଓ ମୂଲ୍ୟ) ପ୍ରଣାଳୀରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଅଛି।
୨. ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଅନ୍ୟ ଆବଶ୍ୟକ ସୂଚନା ବ୍ୟାଙ୍କର ୱେବ୍‌ସାଇଟ **https://www.rbi.org.in**ରେ ଉପଲବ୍ଧ ଅଛି। ଅଧିକ ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛୁକ ଠିକାଦାରମାନେ ନିର୍ଗମ ବିଭାଗ, ଭୁବନେଶ୍ୱରକୁ ଯୋଗାଯୋଗ କରିପାରନ୍ତି। **M/s MSTC Ltd.**ର **e-tendering portal https://www.mstcecommerce.com/eprochome/rbi** ରେ ଟେଣ୍ଡର ଆବେଦନର ଶେଷ ତାରିଖ ୧୮।୦୩।୨୦୨୨ ଅପରାହ୍ନ ୦୨.୩୦ ଘଟିକା ପର୍ଯ୍ୟନ୍ତ ରହିବ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ନୋଟ୍ ବାକ୍ସ ଏବଂ ମୁଦ୍ରା ବ୍ୟାଗଗୁଡ଼ିକର ପରିବହନ ନିମନ୍ତେ ଯାନ ଯୋଗାଣ ପାଇଁ ଇ- ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସଡ଼କ ପଥରେ ଓଡ଼ିଶାରେ ନୋଟ୍ ବାକ୍ସ ଓ ମୁଦ୍ରା ବ୍ୟାଗ ପରିବହନ ନିମନ୍ତେ ଯାନ ଉପଲବ୍ଧ କରାଇବା ପାଇଁ ଯୋଗ୍ୟ ଠିକାଦାରଙ୍କଠାରୁ ଦୁଇ ବିଡ୍ (ବୈଷୟିକ ଓ ମୂଲ୍ୟ) ପ୍ରଣାଳୀରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଅଛି।
୨. ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଅନ୍ୟ ଆବଶ୍ୟକ ସୂଚନା ବ୍ୟାଙ୍କର ୱେବ୍‌ସାଇଟ **https://www.rbi.org.in**ରେ ଉପଲବ୍ଧ ଅଛି। ଅଧିକ ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛୁକ ଠିକାଦାରମାନେ ନିର୍ଗମ ବିଭାଗ, ଭୁବନେଶ୍ୱରକୁ ଯୋଗାଯୋଗ କରିପାରନ୍ତି। **M/s MSTC Ltd.**ର **e-tendering portal https://www.mstcecommerce.com/eprochome/rbi** ରେ ଟେଣ୍ଡର ଆବେଦନର ଶେଷ ତାରିଖ ୧୮।୦୩।୨୦୨୨ ଅପରାହ୍ନ ୦୨.୩୦ ଘଟିକା ପର୍ଯ୍ୟନ୍ତ ରହିବ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**

# ପ୍ରେମ ପାଇଁ

ପ୍ରେମର ପରିଭାଷାକୁ ପରିପ୍ରକାଶ ପାଇଁ ପାଳନ ହେଉଛି ପ୍ରେମ ଦିବସ ବା ଭାଲେଣ୍ଟାଇନ୍ସ ଡେ'। ଏହି ଦିନଟିକୁ ସ୍ମରଣୀୟ କରିବା ପାଇଁ ରାଜଧାନୀ ସମେତ ସବୁଠି ସ୍ୱତନ୍ତ୍ର ପ୍ରସ୍ତୁତି। କେହି କେହି ନିଜ ପାର୍ଟନର ସହ ଲଙ୍ଗଡ୍ରାଇଭରେ ଯିବାକୁ ପ୍ଲାନ୍ କରିଛନ୍ତି ତ ଆଉ କେହି ଡିନର, ସରପ୍ରାଇଜ୍ ପାର୍ଟିର ଆୟୋଜନ କରିଛନ୍ତି। ପୂର୍ବରୁ ପାର୍କ, ସିନେମା ହଲ, ରେଷ୍ଟୁରାଣ୍ଟ ଭଳି ସ୍ଥାନରେ ପ୍ରେମ ଦିବସ ଜମୁଥିଲା। ବିଶେଷକରି ଏହି ଦିନରେ ପାର୍କଗୁଡ଼ିକରେ ପ୍ରେମୀଯୁଗଳଙ୍କୁ ଅଧିକ ଦେଖିବାକୁ ମିଳୁଥିଲା। କରୋନା କଟକଣା ସହ ବିଭିନ୍ନ ସଂଗଠନର ବିରୋଧ ଯୋଗୁ ପ୍ରେମୀଯୁଗଳ ସେଲିବ୍ରେଶନ ପାଇଁ ସହରଠାରୁ ଦୂରରେ ଥିବା ପିକ୍ନିକ ସ୍ପଟ, ସମୁଦ୍ରକୂଳ ଆଦି ବିଭିନ୍ନ ସ୍ଥାନକୁ ଯିବା ପାଇଁ ଶ୍ରେୟ ମଣୁଛନ୍ତି।


ବକୁଳ ଫାଉଣ୍ଡେଶନ ପକ୍ଷରୁ ପ୍ରସ୍ତୁତ ହୋମ୍‌ମେଡ୍ ଚକୋଲେଟ୍ ଓ ଗୋଲାପ ଫୁଲ ଚାରାର ସ୍ୱତନ୍ତ୍ର ପ୍ୟାକେଟ୍।

## ଫୁଲ, କାର୍ଡ ଓ ଗିଫ୍ଟ

ପ୍ରେମ ସପ୍ତାହର ସାତ ଦିନକୁ ନିଆରା ଢଙ୍ଗରେ ପାଳନ କରାଯାଏ। ପ୍ରଥମ ଦିନ ରୋଜ୍ ଡେ, ଦ୍ୱିତୀୟ ଦିନ ପ୍ରପୋଜ୍ ଡେ, ତୃତୀୟ ଦିନ ଚକୋଲେଟ୍ ଡେ, ଚତୁର୍ଥ ଦିନ ଟେଡି ଡେ, ପଞ୍ଚମ ଦିନ ପ୍ରମିଜ୍ ଡେ, ଷଷ୍ଠ ଦିନ ହଗ୍ ଡେ, ସପ୍ତମ ଦିନ କିସ୍ ଡେ'ରେ ନିଆରା ଭାବେ ଶୁଭେଚ୍ଛା ଜଣାଇଥାନ୍ତି ପ୍ରେମିକାପ୍ରେମିକ। ତେବେ ଅଷ୍ଟମ ଦିନ ଭାଲେଣ୍ଟାଇନ୍ସ ଡେ' ମନର ମଣିଷ ପାଇଁ ସବୁଠୁ ସ୍ପେଶାଲ ହୋଇଥାଏ। ପ୍ରଥମ ଦିନ ରୋଜ୍ ଡେ' ପଡୁଥିବାରୁ ଏହିଦିନ ପ୍ରେମିକା ପ୍ରେମିକ ପରସ୍ପରକୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥାନ୍ତି। ଗୋଲାପ ଫୁଲ ପ୍ରେମର ପ୍ରତୀକ ହୋଇଥିବାରୁ ଭାଲେଣ୍ଟାଇନ୍ସ ଡେ'ରେ ଏହାର ଚାହିଦା ଅଧିକ ରହିଥାଏ। ତେଣୁ ରବିବାରଠାରୁ ବିଭିନ୍ନ ଫୁଲ ଦୋକାନରେ ପ୍ରବଳ ଗହଳି ହୋଇଥିଲା। ଚାହିଦାକୁ ଦେଖି ଦାମ୍ ମଧ୍ୟ ବଢ଼ିଯାଇଥିଲା। ବ୍ୟବସାୟୀ ବିକାଶ ପାତ୍ର କହିଛନ୍ତି, ବେଙ୍ଗାଲୁରୁ, ରାୟପୁର, କୋଲକାତା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଗୋଲାପ ଆମଦାନୀ ହେଉଛି। ଗୋଟିଏ ଗୋଲାପର ଦାମ୍ ୨୦ ଟଙ୍କାରୁ ୫୦ଟଙ୍କା ଏବଂ ଫୁଲତୋଡା ୨ଶହରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। କେବଳ ଗୋଲାପ ଫୁଲରେ ତିଆରି ତୋଡ଼ାର ମୂଲ୍ୟ ୩୫୦ ଟଙ୍କାରୁ ଆରମ୍ଭ ହେଉଛି। ମହାମାରୀ କରୋନାର ପ୍ରକୋପ ସାମାନ୍ୟ ହ୍ରାସ ପାଇଥିବାରୁ ଏଥର ବ୍ୟବସାୟ ଭଲ ହେବ ବୋଲି ସେ କହିଛନ୍ତି। କେବଳ ଫୁଲ ନୁହେଁ, ମନର କଥାକୁ ଭିନ୍ନ ରୂପରେ ପରିପ୍ରକାଶ ପାଇଁ କାର୍ଡର ଚାହିଦା ଆଜି ମଧ୍ୟ ରହିଛି। ତେଣୁ ବ୍ୟବସାୟୀମାନେ ବିଭିନ୍ନ ରୋମାଣ୍ଟିକ୍ ଲଭ୍ କାର୍ଡ ସହିତ ଆକର୍ଷଣୀୟ ଉପହାରର ପସରା ମେଲାଇଛନ୍ତି। କପଲ୍ ଗିଫ୍ଟ ସାଙ୍ଗକୁ ଫଟୋ ଫ୍ରେମ୍, ରୋଟେଶନ୍ ମ୍ୟୁଜିକ୍ ଗିଫ୍ଟ, ଲଭ୍‌ବାର୍ଡ ଆଦି ବିଭିନ୍ନ ଉପହାର ବଜାରରେ ଉପଲବ୍ଧ ହେଉଛି। ଏଥିସହ ଆଜିକାଲି ମଧ୍ୟ ଏହି ଦିନରେ ପ୍ରେମିକା ହେଉ କି ସ୍ତ୍ରୀଙ୍କ ନାଁରେ ସୁନା, ଜମି ଆଦି କିଣାଯାଉଥିବା ଦେଖିବାକୁ ବି ମିଳୁଛି।

## ଫ୍ରମ୍ ୟୋର ଭାଲେଣ୍ଟାଇନ୍

ଭାଲେଣ୍ଟାଇନ୍ସ ଡେ' ବା ପ୍ରେମ ଦିବସ ପାଳନ ପଛରେ ରହିଛି ଏକ ବାସ୍ତବ କଥା। ପ୍ରେମ ପାଇଁ ମୃତ୍ୟୁଦଣ୍ଡ ପାଇଥିବା ଭାଲେଣ୍ଟାଇନ୍ସ ନାମକ ଜଣେ ସନ୍ଥଙ୍କ ନାମରେ ଏହିଦିନ ପାଳନ କରାଯାଉଛି। ଇତିହାସ କୁହେ, ରୋମ୍‌ରେ କ୍ଲାଉଡିୟସ୍ ନାମକ ଜଣେ ଅତ୍ୟାଚାରୀ ରାଜା ଥିଲେ, ଯିଏ କି ପ୍ରେମ ଓ ବିବାହର ଘୋର ବିରୋଧୀ ଥିଲେ। ଜଣେ ଅବିବାହିତ ସୈନିକ ବିବାହିତ ସୈନିକଙ୍କଠାରୁ ବେଶି ଯୋଗ୍ୟ ବୋଲି ସେ ବିଚାର କରୁଥିଲେ। ତେଣୁ ତାଙ୍କ ରାଜ୍ୟର କୌଣସି ସୈନିକ ବିବାହ କରିବେ ନାହିଁ ବୋଲି ଆଦେଶ ଦେଇଥିଲେ। ଆଦେଶର ଅବମାନନା କଲେ କଠୋର ଦଣ୍ଡ ଦେବାକୁ ରାଜା ଘୋଷଣା କଲେ। ସେହି ରାଜ୍ୟରେ ଭାଲେଣ୍ଟାଇନ୍ ନାମକ ଜଣେ ସନ୍ଥ ରହୁଥିଲେ। ସେ ରାଜାଙ୍କ ଏଭଳି ଆଦେଶକୁ ବିରୋଧ କରି ସୈନିକଙ୍କୁ ବିବାହ ଲାଗି ପ୍ରେରଣା ଦେବା ସହ ସେମାନଙ୍କର ବିବାହ ମଧ୍ୟ କରାଇଦେଲେ। ଭାଲେଣ୍ଟାଇନ୍‌ଙ୍କ ଏପରି କାର୍ଯ୍ୟ ରାଜାଙ୍କ କାନରେ ପଡ଼ିଲା। ଆଦେଶ ଅବମାନନା କରିଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା। ସେହିଦିନ ଥିଲା ଫେବୃୟାରୀ ୧୪। ସେହିପରି ମୃତ୍ୟୁ ପୂର୍ବରୁ ଭାଲେଣ୍ଟାଇନ୍ ରୋମାନ୍ ଜେଲର୍ ଅଷ୍ଟେରିୟସ୍‌ଙ୍କ ଦୃଷ୍ଟିହୀନ କନ୍ୟାଙ୍କ ଦୃଷ୍ଟିଶକ୍ତି ଫେରାଇ ଦେଇଥିଲେ। ଯେଉଁଥିପାଇଁ ସମୟକ୍ରମେ ଭାଲେଣ୍ଟାଇନ୍ ଏବଂ ଅଷ୍ଟେରିୟସ୍‌ଙ୍କ କନ୍ୟାଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ ନିଜ ପ୍ରେମକୁ ପାଇପାରି ନ ଥିଲେ ସନ୍ଥ ଭାଲେଣ୍ଟାଇନ। ମୃତ୍ୟୁଦଣ୍ଡ ପୂର୍ବରୁ ସେ ନିଜ ପ୍ରେମିକାଙ୍କ ପାଖକୁ ଏକ ଚିଠି ଲେଖିଥିଲେ, ଯାହାର ଶେଷରେ ଲେଖାଥିଲା 'ଫ୍ରମ୍ ୟୋର ଭାଲେଣ୍ଟାଇନ୍'। ପ୍ରେମର ଦୂତ ଭାଲେଣ୍ଟାଇନ୍‌ଙ୍କ ବଳିଦାନ ଦିବସକୁ ସେବେଠାରୁ ପ୍ରେମ ଦିବସ ଭାବେ ପାଳନ କରାଯାଇ ଆସୁଛି।

ପ୍ରିୟଜନଙ୍କ ପ୍ରତି ସ୍ନେହ ଓ ପ୍ରେମ ପ୍ରକାଶ କରିବାର ଏକ ନିଆରା ଦିନ ହେଉଛି ଭାଲେଣ୍ଟାଇନ୍ସ ଡେ। ପ୍ରତିବର୍ଷ ଫେବୃୟାରୀ ୧୪ରେ ପାଳନ ହେଉଥିବା ଏହି ଦିବସ ସମ୍ପର୍କର ସୌନ୍ଦର୍ଯ୍ୟକୁ ଦର୍ଶାଇବା ପାଇଁ ସମର୍ପିତ। ସ୍ନେହ ଏବଂ ପ୍ରେମର ଭାବନା ଯଦିଓ ସବୁଦିନେ ଦେଖାଇହେବ, ହେଲେ ତାହା ସ୍ମରଣୀୟ ହେବା ପାଇଁ ଏହି ଦିବସ ହେଉଛି ସ୍ୱତନ୍ତ୍ର, ଯାହାକୁ ଅନେକେ ଉତ୍ସବ ମନେ କରନ୍ତି।



## ବିରୋଧର ଆଭିମୁଖ୍ୟ

ପ୍ରେମର ପୂଜାରୀ ସନ୍ଥ ଭାଲେଣ୍ଟାଇନ୍‌ଙ୍କ ମୃତ୍ୟୁ ଦିବସ ଫେବୃୟାରୀ ୧୪କୁ ଭାଲେଣ୍ଟାଇନ୍ ଡେ' ଭାବେ ପାଳନ କରାଯାଉଛି। ମାତ୍ର ଏହି ଦିନକୁ ଧୁମ୍‌ଧାମ୍‌ରେ ପାଳନକୁ ଅନେକ ସଂଗଠନ ପକ୍ଷରୁ ବିରୋଧ କରୁଛନ୍ତି। ବିରୋଧର ଆଭିମୁଖ୍ୟ ହେଉଛି, ଉକ୍ତଦିନ ସଂଗ୍ରାମୀ ଭଗତ୍ ସିଂହଙ୍କୁ ଇଂରେଜମାନେ ଫାଶୀ ଦେଇଥିଲେ। ସେହିପରି ପୁଲ୍‌ଓ୍ୱାମା ସଂଘର୍ଷରେ ଏକାଧିକ ସୈନିକ ପ୍ରାଣ ହରାଇଥିଲେ। ତେଣୁ ଏଭଳି ଦୁଃଖଦ ଦିବସକୁ ଏଭଳି ଧୁମ୍‌ଧାମ୍‌ରେ ପାଳନ କରିବା ଉଚିତ୍ ନୁହେଁ। ସେହିପରି ପ୍ରେମ ନାମରେ ଯୁବପିଢି ଉଚ୍ଛୃଙ୍ଖଳ ହୋଇ ପଡୁଛନ୍ତି। ପାଶ୍ଚାତ୍ୟ ସଂସ୍କୃତିକୁ ଆପଣାଇ ଆମ ସଂସ୍କୃତି ପରମ୍ପରାକୁ ଭୁଲି ଯାଉଛନ୍ତି। ପୂର୍ବରୁ ଏହାକୁ ଦୃଢ଼ଭାବେ ବାରଣ କରାଯାଉଥିଲା। ମାତ୍ର ଏବେ ଆମେ ଶାନ୍ତି ଶୃଙ୍ଖଳାର ସହ ଯୁବପିଢ଼ିଙ୍କୁ ସଚେତନ କରାଉଛୁ। ପୁଲ୍‌ଓ୍ୱାମା ଆଟାକ୍ ଓ ଭଗତସିଂହଙ୍କ ସ୍ମୃତିରେ ଭୀମଟାଙ୍ଗୀଠାରୁ ଲିଙ୍ଗରାଜ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯିବ।

– **ରାଜେଶ ପୃଷ୍ଟି,**
ଅଧ୍ୟକ୍ଷ, ସେବା ହିଁ ସଂକଳ୍ପ

## ବାଧକ ସାଜି ନ ଥିଲା ଜାତି କି ଭିନ୍ନକ୍ଷମତା

କେନ୍ଦ୍ରାପଡ଼ା ଜିଲା ରାଜନଗର ଅନ୍ତର୍ଗତ କୋଇଲିପୁର ପଞ୍ଚାୟତର ଭାଗ୍ୟଧର ମଲ୍ଲିକ ଓ ପଟ୍ଟାମୁଣ୍ଡାଇ ବ୍ଲକ୍, ଖଣତା ପଞ୍ଚାୟତର ପ୍ରଭାସିନୀଙ୍କର ହେଉଛି ଏକ ନିଆରା ପ୍ରେମ କାହାଣୀ। ୨୦୦୧ରେ ଗ୍ରାଜୁଏଶନ୍ ସାରି ଭାଗ୍ୟଧର ଦିଲ୍ଲୀ ଯାଇଥିଲେ ବାପାଙ୍କ ପାଖକୁ। ସେଠି ଚାକିରି ବି କରୁଥିଲେ। ଏତିକିବେଳେ ପାଖ ଘରକୁ ଆସିଲେ ପ୍ରଭାସିନୀ। ମାଟ୍ରିକ୍ ପାସ୍ କରିବା ପରେ ସେ ତାଙ୍କ ବାପାଙ୍କ ପାଖକୁ ବୁଲିବାକୁ ଆସିଥାନ୍ତି। ସେଇଠି ହୁଏ ଦୁହିଁଙ୍କର ଦେଖା। ଭାଗ୍ୟଧର ଥିଲେ ଭିନ୍ନକ୍ଷମ। ପୁଣି ଅନୁସୂଚିତ ଜାତିର। କିନ୍ତୁ ତାଙ୍କ ଭଦ୍ର ବ୍ୟବହାରକୁ ଦେଖି ପ୍ରଭାସିନୀ ମନେ ମନେ ଭଲ ପାଇ ବସିଥିଲେ ବି କିଛି କହି ପାରି ନ ଥିଲେ। ୬ ମାସ ପରେ ଗାଁକୁ ଫେରି ଭାଗ୍ୟଧରଙ୍କୁ ଫୋନ୍ କରି ମନ କଥା ଜଣାଇଥିଲେ। ଭାଗ୍ୟଧର କହିଲେ, 'ସତରେ ଯଦି ତୁମେ ମୋତେ ଭଲ ପାଅ ତା'ହେଲେ ତୁମେ ପୁଣିଥରେ ଦିଲ୍ଲୀ ଆସିବ।' ସତକୁ ସତ ପ୍ରଭାସିନୀ ୧୫ ଦିନ ଭିତରେ ଦିଲ୍ଲୀ ଆସିଲେ। ଦୁହିଁଙ୍କ ଭିତରେ କଥାବାର୍ତ୍ତା ବଢ଼ିଥିଲା। ଜନ୍ମାଷ୍ଟମୀ ଦିନ ଦୁହେଁ ଶ୍ରୀକୃଷ୍ଣଙ୍କ ମନ୍ଦିରକୁ ଯାଇଥାନ୍ତି। ସେଇଠି ପ୍ରଭାସିନୀଙ୍କ କଥାରେ ଭାଗ୍ୟଧର ତାଙ୍କ ମଥାରେ ସିନ୍ଦୂର ପିନ୍ଧାଇ ଦେଲେ। ଭାଗ୍ୟଧର କୁହନ୍ତି, ଆମ ପରିବାର ଲୋକେ ପ୍ରଭାସିନୀଙ୍କୁ ବୋହୂଭାବେ ଗ୍ରହଣ କଲେ। କିନ୍ତୁ ପ୍ରଭାସିନୀ ସାହସ କରି ନିଜ ପରିବାର ଲୋକଙ୍କୁ ଜଣାଇ ପାରି ନ ଥିଲେ। ଏହାର କିଛିଦିନ ପରେ ମୁଁ ଗାଁକୁ ଚାଲି ଆସିଥିଲି ନିର୍ବାଚନ ଲଢ଼ିବା ପାଇଁ। ମୋ ଭାଇ ପ୍ରଭାସିନୀଙ୍କୁ ଗାଁକୁ ନେଇ ଆସିଲେ। ଏହା ପରେ ଦୁହେଁ କୋର୍ଟ ମ୍ୟାରେଜ କଲୁ। ୨୦୦୧ରୁ ଆରମ୍ଭ ହୋଇଥିବା ଆମର ପ୍ରେମ କାହାଣୀ ୨୦୦୭ରେ ବିବାହର ରୂପ ନେଲା। ଏବେ ମୁଁ କଳାହାଣ୍ଡି ଜିଲାର ଏକ ଘରୋଇ ସ୍କୁଲରେ ପ୍ରିନ୍ସିପାଲ ଅଛି। ଦୁହେଁ ଖୁସିର ସଂସାର କରିଛୁ। ପ୍ରଭାସିନୀଙ୍କ ପରିବାର ଏ ପର୍ଯ୍ୟନ୍ତ ଭଲରେ ଏଇ ବିବାହକୁ ଗ୍ରହଣ କରିପାରି ନାହାନ୍ତି। ହେଲେ ଆମ ପ୍ରେମର ମୂଳଦୁଆ ବିଶ୍ୱାସ ଓ ଭଲପାଇବା ଥିଲା। ତେଣୁ ଆମ ସମ୍ପର୍କ ଆଜି ପର୍ଯ୍ୟନ୍ତ ମଧୁର ହୋଇ ରହିଛି।'


ଭାଗ୍ୟଧର ଓ ପ୍ରଭାସିନୀ

– ଶିବାନୀ

## ପ୍ରଶଂସିକାରୁ ଜୀବନସାଥୀ

– ଶ୍ରୀତମ ଦାସ (ଅଭିନେତା)

ପ୍ରଶଂସିକାରୁ ପ୍ରେମିକା ଏବଂ ପରେ ଜୀବନସାଥୀ। ବିବାହର ୬/୭ ବର୍ଷ ପୂର୍ବରୁ ଭୁବନେଶ୍ୱରରେ ମୋ ସହ ପୁନମ୍‌ଙ୍କର ଦେଖା ହୋଇଥିଲା। ପରେ ହଠାତ୍ ଦିନେ ପୁନମ୍ ମୋତେ ଫୋନ୍ କରିଥିଲେ। ଧୀରେ ଧୀରେ ଆମ ଭିତରେ ବନ୍ଧୁତା ସୃଷ୍ଟି ହେଲା। କଥା ହେବାର ୮ମାସ ପର୍ଯ୍ୟନ୍ତ ଆମେ କେହି କାହାକୁ ଦେଖି ନ ଥିଲୁ। ଏକ କାମରେ ରାୟଗଡ଼ା ଯାଇଥିବା ସମୟରେ ପୁନମ୍ ଓ ତାଙ୍କ ପରିବାର ସହ ଦେଖା ହୋଇଥିଲା। ସେତେବେଳେ ତାଙ୍କ ପରିବାର ଲୋକେ ମତେ ବହୁତ ସ୍ନେହ କରିଥିଲେ। କିଛିଦିନ ପରେ ମେଡିକାଲ କାମ ପାଇଁ ସେ ତାଙ୍କ ମା'ଙ୍କ ସହ କଟକ ଆସିଥିଲେ। ମୁଁ ଏ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଆମ ଘରକୁ ଡାକିଥିଲି। ସେମାନେ ଆମ ଘରକୁ ଆସିବା ପରେ ମୋ ମା' ତାଙ୍କ ମା'ଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ସେ ପର୍ଯ୍ୟନ୍ତ ଆମେ ଭଲ ବନ୍ଧୁ ଥିଲୁ। ଶେଷରେ ପରିବାର ସହମତିରେ ୨୦୧୧ ଡିସେମ୍ବର ୭ରେ ବିବାହ ହୋଇଥିଲା।



## ବୁଝାମଣା ଏବେ ବି ଦୃଢ଼ ରହିଛି

– ସୂର୍ଯ୍ୟକାନ୍ତ (ଅଭିନେତା)

ପ୍ରଥମ ଦେଖାରେ ହିଁ ମୁଁ ମାମାଙ୍କୁ ଭଲ ପାଇବସିଥିଲି। ଯାହାହେଉ ଆମ ଭିତରେ ଏହି ପବିତ୍ର ସମ୍ପର୍କର ସୃଷ୍ଟି ସେହି ପ୍ରଥମ ଦେଖାରୁ ହିଁ ହୋଇଥିଲା। ତାଙ୍କର କୁଲ୍ ନେଚର ମୋତେ ବେଶି ପ୍ରଭାବିତ କରିଥିଲା। ସେତେବେଳେ ସେ ଚାକିରି କରୁଥାଆନ୍ତି। ଦେଖାସାକ୍ଷାତ ପରେ ମୁଁ ଯେତେବେଳେ ତାଙ୍କୁ ପ୍ରପୋଜ୍ କଲି ସେ ତାହାକୁ ଗ୍ରହଣ କରିଥିଲେ। ଖାସ୍ କଥା ହେଲା, ସେତେବେଳେ ଆମ ପ୍ରେମକୁ ପ୍ରଭାବିତ କରିବା ଭଳି କୌଣସି ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଆଉ ପରସ୍ପର ଭିତରେ ଉତ୍ତମ ବୁଝାମଣା ଯୋଗୁ ପରବର୍ତ୍ତୀ ସମୟରେ ଆମେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲୁ। ବିବାହ ପୂର୍ବରୁ ଆମ ଭିତରେ ଥିବା ନିବିଡ଼ତା ଏବେ ଆହୁରି ଦୃଢ଼ ହୋଇଛି। ତାଙ୍କୁ ମୁଁ ମୋ ହୋମ୍ ପ୍ରଡକ୍ସନରେ ନିର୍ମିତ 'ବାଳୀ'ରେ ନାୟିକା ସାଜିବାର ସୁଯୋଗ ଦେଇଛି।



## ଜଗନ୍ନାଥ ଆମକୁ ଏକାଠି କରିଛନ୍ତି

– ପ୍ରଜ୍ଞା (ହାସ୍ୟାଭିନେତା)

ସେତେବେଳେ ମୁଁ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ନାଟକ ବିଭାଗରେ ପଢୁଥାଏ। ଏମିତି ସୁନନ୍ଦା ପରିଡ଼ାଙ୍କ ସହ ଦେଖାସାକ୍ଷାତରୁ ଆମ ଭିତରେ ନିବିଡ଼ତା ସୃଷ୍ଟି ହୋଇଥିଲା। କଥାରେ ଅଛି, ଖୋଜିବାରୁ ହିଁ ଭଲ ପାଇବା ଆସେ। ସେହି ସମୟରେ ନାଟକ ବିଷୟରେ ଅଧିକ ଜ୍ଞାନ ଅର୍ଜନ କରିବାକୁ ମୁଁ ପରୀକ୍ଷାରେ ଫେଲ୍ ହୋଇ କିଛି ବର୍ଷ ପଢ଼ିଥିଲି। ଏପରି କି ଦୁହେଁ ପି.ଜି. ସମୟରେ ଏକାଠି ପରୀକ୍ଷା ଦେଇଥିଲୁ। ଏହା ଭିତରେ ଆମେ ଥିଏଟର ନାଟକରେ ଅଭିନୟ କରିସାରିଥିଲୁ। ଏପରି କି ଏକ ନାଟକରେ ସେ ମୋ 'ବୁଢ଼ୀମା' ଭୂମିକାରେ ଅଭିନୟ କରିଥିଲେ। କେତୋଟି ଧାରାବାହିକରେ ମଧ୍ୟ ଆମେ ଏକାଠି ଆକ୍ଟିଂ କରିଛୁ। ଏହି ଅଭିନୟ ଜୀବନ ଭିତରେ ଆମର ପ୍ରେମ ସଫଳତାର ଶୀର୍ଷରେ ପହଞ୍ଚି ସାରିଥିଲା। ବିଶେଷ କରି ସୁନନ୍ଦାଙ୍କର ଶାନ୍ତ ସରଳ ନେଚର ଏବଂ ଅମାୟିକ ବ୍ୟବହାର ମୋତେ ଅଧିକ ପ୍ରଭାବିତ କରିଥିଲା। ଚଳିତ ବର୍ଷ ମୁଁ ତାଙ୍କୁ ଧର୍ମପତ୍ନୀ ଭାବରେ ଗ୍ରହଣ କରିଛି। ପ୍ରଭୁ ଜଗନ୍ନାଥ ଆମକୁ ଏକାଠି କରିଛନ୍ତି। ତାଙ୍କର ଆର୍ଶୀବାଦରୁ ଆମେ ଦୁହେଁ ଏବେ ଖୁସିରେ ଅଛୁ।



– ସାକ୍ଷାତ୍: ବନ୍ଦନା, ଶୁଭ୍ରପ୍ରକାଶ

## ଡିଷ୍ଟାନ୍ସ ରିଲେଶନଶିପ୍‌କୁ ନିକଟତର କରୁଛି ଡିଜିଟାଲ ପ୍ଲାଟଫର୍ମ

ସମୟ ସହିତ ତାଳ ଦେଇ ବଦଳିଛି ପ୍ରେମର ପରିଭାଷା। ଚିଠି ଏବଂ ମେସେଜ୍‌ରୁ ବାହାରି ପ୍ରେମ ଏବେ ଡିଜିଟାଲ୍ ପ୍ଲାଟଫର୍ମରେ ପହଞ୍ଚିଛି। 'ଟିଣ୍ଡର' ଠାରୁ ଆରମ୍ଭ କରି 'ହାପେନ୍', 'ସୋଲ୍‌ମେଟ୍ ଡଟ୍‌କମ୍', 'ସଙ୍ଗମ୍ ଡଟ୍‌କମ୍', 'ସିଙ୍ଗଲ ଆଟ୍ ମିଙ୍ଗଲ୍ ୨ ଡଟ୍‌କମ୍' ଭଳି ଏକାଧିକ ଅନ୍‌ଲାଇନ୍ ଡେଟିଂ ଆପ୍ ପ୍ରେମକୁ ଆହୁରି ସହଜ କରିଦେଇଛି। ମନପସନ୍ଦର ଜୀବନସାଥୀ ଖୋଜିବା ପାଇଁ ଏହି ଅନ୍‌ଲାଇନ୍ ଆପ୍‌ଗୁଡ଼ିକ ଖୁବ୍ ସହଜ ମାଧ୍ୟମ ପାଲଟିଛି। ମେଟ୍ରୋ ସିଟି ବ୍ୟତୀତ ଓଡ଼ିଶାର ବିଭିନ୍ନ ସହରରେ ମଧ୍ୟ ଏହାର ବହୁଳ ବ୍ୟବହାର ହେଉଛି। ସେହିପରି ସୋସିଆଲ ମିଡିଆରେ ଲଙ୍ଗ ଡିଷ୍ଟାନ୍ସ ରିଲେସନଶିପରେ ରହୁଥିବା ଯୋଡ଼ି ପାଇଁ ଦୂରତା କୌଣସି ପ୍ରକାର ବାଧକ ସାଜୁନି। ଯେତେ ଦୂରରେ ରହିଲେ ବି ଅନଲାଇନରେ ଚାଟିଂ କରିବା ସହ ଭିଡିଓ କଲ୍‌ରେ କଥା ହୋଇପାରୁଛନ୍ତି। ମନର ସବୁ ଭାବନାକୁ ନିଜ ସାଥୀ ପାଖରେ ବାଣ୍ଟିବାର ଏହା ହେଉଛି ଏକ ଶ୍ରେଷ୍ଠ ମାଧ୍ୟମ।

## ପଦଟିଏ

ପ୍ରେମ ଦିବସ ଉପଲକ୍ଷେ କେତେଜଣ କବିଙ୍କ କଲମରୁ...

### ପ୍ରେମରେ ଜିଇବା

ଜଣେ ହାତ ବଢ଼ାଇଲେ
ଆଉ ଗୋଟେ ହାତ କୁଆଡୁ ଆସି
ସେଥିରେ ଥାପି ହୋଇଯାଏ।
କାହିଁକି ଏତେ ନକାରାତ୍ମକତା
ମୁଁ ଏବଂ ଆପଣ
ଆପଣ ଏବଂ ସେ
ସେ ଏବଂ ମୁଁ
ସବୁ ଏକାକାର ହୋଇଯିବା।
ଆସ ଆମେ ଯୋଡ଼ି ହୋଇଯିବା
ପ୍ରେମରେ ଜିଇବା।

– **ଲକ୍ଷ୍ମୀ ଚାନ୍ଦ,**
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର

### ଫେବୃୟାରୀର ସେଇ ଦିନ

ଫେବୃୟାରୀର ସେଇ ଦିନଟି
ଲାଗୁଥିଲା କେମିତି
ଖୁବ୍ ଭିନ୍ନ...
ଗୋଟେପଟେ ଘୃଣାର ବହ୍ନି,
ଅନ୍ୟପଟେ ପ୍ରେମର ସ୍ୱାକ୍ଷର।
ଚାରିପଟେ ଶୁଭୁଥିଲା
ଭାଲେଣ୍ଟାଇନ୍ସ ଡେ'ର କୋଳାହଳ।

– **ଲିପ୍‌ସା ପଟେଲ,** ଭବାନୀପାଟଣା

### ସ୍ପର୍ଶ

ବନ୍ଧୁରେ ଆଜି ବନ୍ଧୁର ପଥେ
ଏଇ ପୀରତିର ରଥେ,
ଦେଖି ନିଏ ଯେତେ ଦୃଶ୍ୟ
ରହିଛି
ନମନୀୟ, କମନୀୟ
ଯୁଗଯୁଗ ପାଇଁ, ପ୍ରେମ-
ଦିବସ
ରହିଯିବ ସ୍ମରଣୀୟ !!!

– **ଅୟସ୍କାନ୍ତ,**
ଗ୍ରାମ୍ୟ ନିର୍ମାଣ ଉପ
ବିଭାଗ, ରାଜକନିକା,
କେନ୍ଦ୍ରାପଡ଼ା

### କରିଛି ମୁଁ ଆପଣାର...

ତୁମେ ଦେଇଥିବା ଗୋଲାପ ସେଦିନ
ମହକ ମୋ ବଗିଚାର,
ତୁମେ ଫିଙ୍ଗିଥିବା ପଥରରେ ପରା
ତିଆରିଛି ମୋର ଘର।
ପ୍ରେମ ଦିବସରେ ଗୋଲାପ ବନରେ
କେତେ ଯେ ବୁଲାଇଥିଲ,
ଫୁଲ ବଦଳରେ କଣ୍ଟାରେ କାହିଁକି
ମୋତେ କଲବଲ କଲ,
ସେବେଠାରୁ ତୁମ ଘୃଣାର ପୃଥିବୀ
କରିଛି ମୁଁ ଆପଣାର।

– **ବିପିନ୍ ମହାନ୍ତି**
ଗଡ଼ ମହାବୀର ବିହାର,
ଗ୍ୟାରେଜ ଛକ, ଭୁବନେଶ୍ୱର

### ପ୍ରେମର ପୃଥିବୀ

ଏହି ପୃଥିବୀରେ ପ୍ରେମ ଅଛି ବୋଲି
ଏ ଜୀବନ କମନୀୟ
ସବୁ ରଙ୍ଗ ଫିକା ଫିକା ଲାଗେ ଏଠି
ପ୍ରେମ ରଙ୍ଗ ବନ୍ଦନୀୟ।
ବସନ୍ତ ବାସରେ ଫଗୁଣ ରାସରେ
ପ୍ରେମ କରେ ଅଭିସାର
ପ୍ରେମ ବନ୍ଧନରେ ବାନ୍ଧି ହେବାପାଇଁ
ଈଶ୍ୱରଙ୍କ ଅବତାର।

– **ଅବନୀ ମିଶ୍ର,**
ଉପସଭାପତି,
ରାଜ୍ୟ ଲୋକକଳା ସଂଘ

## ଭାଲେଣ୍ଟାଇନ୍ @ ୭୪

ପ୍ରେମୀଯୁଗଳଙ୍କ ପାଇଁ ଉଦାହରଣ ପାଲଟିଛନ୍ତି କଟକର ବାଳକୃଷ୍ଣ ମାଝୀ ଓ ଆଲୋଚନା ଦେବୀ। ବିବାହର ୭୪ ବର୍ଷ ପରେ ମଧ୍ୟ ଉଭୟଙ୍କ ପରସ୍ପର ପ୍ରତି ଭଲପାଇବା କମିନାହିଁ। ବାରଙ୍ଗ ବ୍ଲକ ଅଧୀନ କେନ୍ଦୁପାଟଣା ଗ୍ରାମରେ ଉଭୟ ଜନ୍ମଗ୍ରହଣ କରିଥିଲେ। ଆଲୋଚନାଙ୍କ ବାପା ଜୟରାମ ଦାସ ଜମିଦାର ଥିଲେ। ଗ୍ରାମର ପ୍ରଥମ ଗ୍ରାଜୁଏଟ୍ ବାଳକୃଷ୍ଣଙ୍କୁ ନିଜ ଜାମାତା କରିବେ ବୋଲି ଜୟରାମ କହିଥିଲେ। ଅପରପକ୍ଷେ ଅନ୍ୟ ସ୍ଥାନରେ ବାଳକୃଷ୍ଣଙ୍କର ପୂର୍ବରୁ ନିର୍ବନ୍ଧ ସରିଥିଲେ ମଧ୍ୟ କୌଣସି କାରଣରୁ ବାହାଘର ଭାଙ୍ଗି ଯାଇଥିଲା। ଏହାପରେ ୧୯୪୮ ଜୁନ୍‌ରେ ବାଳକୃଷ୍ଣ ଓ ଆଲୋଚନାଙ୍କର ବିବାହ ହୋଇଥିଲା। ବିବାହ ବେଳକୁ ବାଳକୃଷ୍ଣଙ୍କୁ ୨୫ ବର୍ଷ ଓ ଆଲୋଚନାଙ୍କୁ ୧୭ ବର୍ଷ ହୋଇଥିଲା। ବିବାହର ୧୫ ଦିନ ପରେ ରାଜକନିକା ହାଇସ୍କୁଲରେ ଶିକ୍ଷକ ଭାବରେ ଯୋଗ ଦେଇଥିଲେ ବାଳକୃଷ୍ଣ। ପରେ ସେଠାରୁ ଆସି ୧୯୪୯ରେ ସଚିବାଳୟରେ ଚାକିରି କରିଥିଲେ। ହେଲେ ସେଠାରେ ତାଙ୍କୁ ଆତ୍ମସନ୍ତୋଷ ନ ମିଳିବାରୁ ଦୁଇବର୍ଷ ପରେ ଚାକିରି ଛାଡି ଗାଁକୁ ଚାଲିଆସିଥିଲେ। ବାଲ୍ୟକାଳ ଅଭାବ ଅନଟନରେ ବିତିଥିବାରୁ ଶିକ୍ଷା ଲାଭ ପାଇଁ ତାଙ୍କୁ ବହୁ କଷ୍ଟ କରିବାକୁ ପଡ଼ିଥିଲା। ସେଥିଲାଗି ଗ୍ରାମରେ ପିଲାମାନଙ୍କ ପାଇଁ ଶିକ୍ଷାନୁଷ୍ଠାନ ଖୋଲିବାକୁ ସେ ସ୍ୱପ୍ନ ଦେଖିଥିଲେ। ସେ ନିଜ ଗ୍ରାମରେ ଉତ୍କଳମଣି ମଧ୍ୟ ଇଂରାଜୀ ଉଚ୍ଚବିଦ୍ୟାଳୟ, ଉତ୍କଳମଣି ବାଳିକା ଉଚ୍ଚବିଦ୍ୟାଳୟ ଓ କୁଞ୍ଜବିହାରୀ ମହାବିଦ୍ୟାଳୟ(ବାରଙ୍ଗ କଲେଜ) ଅନେକ ବଦାନ୍ୟ ବ୍ୟକ୍ତିଙ୍କ ଆର୍ଥିକ ସହାୟତାରେ ପ୍ରତିଷ୍ଠା କରିଥିଲେ। ତେବେ ରାଣୀହାଟ ହାଇସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ ସେ। ସମାଜ ପାଇଁ କିଛି କରିବା ଜିଦ୍‌ରେ ତାଙ୍କ ପରିବାର, ୩ପୁଅ ଓ ୫ଝିଅଙ୍କୁ ସମ୍ଭାଳିଥାନ୍ତି ଆଲୋଚନା। ଉଭୟଙ୍କ ସମ୍ପର୍କକୁ ୭୪ ବର୍ଷ ବିତିଯାଇଥିଲେ ମଧ୍ୟ ପରସ୍ପର ପ୍ରତି ଭଲପାଇବା ତିଳେମାତ୍ର କମିନାହିଁ ବୋଲି ଆଲୋଚନା କହିଛନ୍ତି। ସେହିପରି ବାଳକୃଷ୍ଣ କହିଛନ୍ତି, ଜୀବନରେ ଆଲୋଚନା ସାଥିରେ ଥିବାରୁ କିପରି ଏତେ ବର୍ଷ ବିତିଯାଇଛି ସେ ଜାଣି ପାରିନାହାନ୍ତି। କାରଣ ସେ ମୋ ପାଇଁ ଆଉ ମୁଁ ତାଙ୍କ ପାଇଁ।


ବାଳକୃଷ୍ଣ ଓ ଆଲୋଚନା

– **ସୁପ୍ରିୟା ପ୍ରିୟଦର୍ଶିନୀ**




























## ସଂକ୍ଷେପରେ

### କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ
**ଗାଡ଼ି ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ**

**ବେଗୁନିଆ,୧୩।୨(ଡି.ଏନ୍.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବେଗୁନିଆ ଟାଉନ ହଲ ନିକଟରେ ରବିବାର ଭୋରୁ ଗାଡ଼ି ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ବଡ଼ପଦର ଗ୍ରାମର ଶରତ ଚନ୍ଦ୍ର ସାହୁ। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ମୃତଦେହ ରଖି ପରିବାର ଓ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ସୂଚନା ମୁତାବକ, ଶରତ ଶ୍ରମିକଭାବେ କାର୍ଯ୍ୟ କରି ପରିବାର ଚଳାଉଥିଲେ। ସବୁଦିନ ଭଳି ରବିବାର ଭୋରୁ ଘରୁ ବାହାରି ରାଉତପଡା ଗ୍ରାମର ଏକ ଫାର୍ମକୁ କାମ କରିବା ପାଇଁ ଚାଲି ଚାଲି ଯାଉଥିଲେ। ଏହି ସମୟରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଶରତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରିବା ସହ ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଗାଡିର ପରିଚୟ ଖୋଜି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପ୍ରାୟ ୨୦ ମିନିଟ ରାସ୍ତା ଅବରୋଧ ପରେ ସ୍ଥାନୀୟ ତହସିଲଦାର ପୃଥ୍ୱିରାଜ ମଣ୍ଡଳ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ପହଞ୍ଚି ବୁଝାଶୁଝା କରିବା ସହ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ବେଗୁନିଆ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୯/୨୨)ରୁଜୁକରି ତଦନ୍ତ ଚଳାଇଛି।

### ଖଟିଆରେ ବୁହା ହେଲେ ଗର୍ଭବତୀ

**ସଜନାଗଡ଼,୧୩।୨(ଡି.ଏନ.ଏ.):** ଦୁର୍ଗମ ରାସ୍ତା ଯୋଗୁ ଜରୁରୀ ସମୟରେ ରୋଗୀମାନେ ଡାକ୍ତରଖାନାରେ ପହଞ୍ଚି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗର୍ଭବତୀମାନେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସିଆଡିମାଳ ପଞ୍ଚାୟତ ବାଙ୍କୀଶୋଳ ଗ୍ରାମରେ। ଗ୍ରାମର ତୁଫାନ ସିଂଙ୍କ ସ୍ତ୍ରୀ ବାସନ୍ତୀ ଦୁଇଦିନ ତଳେ ନିଜ ବାପଘର ସାନ୍ଦୁରିୟା ଗ୍ରାମକୁ ଆସିଥିଲେ। ରବିବାର ସନ୍ଧ୍ୟାରେ ତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗର୍ଭଯନ୍ତ୍ରଣା ବଢିବା ସହିତ ଛଟପଟ ହେବାରୁ ପରିବାର ଓ ଗାଁ ଲୋକେ ତାଙ୍କୁ ମେଡିକାଲ ଆଣିବାକୁ ଏକ ଅଟୋକୁ ଡାକିଥିଲେ। କିନ୍ତୁ ରାସ୍ତା ପାହାଡିଆ ଓ ଶୋଚନୀୟ ହୋଇଥିବାରୁ ବୁଗାଳିବନ୍ଧଠାରେ ଅଟୋ ଅଟକିଯାଇଥିଲା। ଗାଁଠୁ ୩ କି.ମି. ପାହାଡିଆ ରାସ୍ତା ପାର୍ କରି ଖଟିଆରେ ବୋହିଆଣି ବୁଗାଳିବନ୍ଧ ପହଞ୍ଚାଇଥିଲେ। ପରେ ଅଟୋରେ ଆଣି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଗର୍ଭବତୀଙ୍କ ଅବସ୍ଥା ଶୋଚନୀୟ ହୋଇଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରିଛନ୍ତି।

# ପ୍ରାର୍ଥୀଙ୍କ ଭରସା ଦଳୀୟ ଚିହ୍ନ

**ଚଣ୍ଡିଖୋଲ,୧୩।୨(ଡି.ଏନ.ଏ.)**

**ବଡ଼ଚଣା ବ୍ଲକର ୨୦ ନଂ. ଜିଲା ପରିଷଦ ଜୋନ୍**



**■ ମଇଦାନରେ ୩ ମହିଳା ନୂଆ ମୁହଁ**

ଯାଜପୁର ଜିଲା ବଡ଼ଚଣା ବ୍ଲକର ୨୦ନଂ. ଜିଲା ପରିଷଦ ଜୋନଟି ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜାତି ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଏଥିଲାଗି ୩ ପ୍ରମୁଖ ଦଳରୁ ୩ଜଣ ମହିଳା ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମାତ୍ର ସମସ୍ତେ ନିର୍ବାଚନରେ ନୂଆ ମୁହଁ। ତେଣୁ ଦଳୀୟ ଚିହ୍ନ ହିଁ ସେମାନଙ୍କ ଭରସା ପାଲଟିବ ବୋଲି କୁହାଯାଉଛି। ଶାସକ ବିଜେଡିରୁ ଜୟଶ୍ରୀ ସାମଲ ପ୍ରାର୍ଥୀ ହୋଇଥିଲାବେଳେ ଭାଜପାରୁ ସୁପ୍ରଭାସିନୀ ମଳିକ ପ୍ରାର୍ଥୀ ହୋଇଛନ୍ତି। ସେହିପରି କଂଗ୍ରେସରୁ ସୁଜାତା ଦାସ ଏହି ଜୋନର ପ୍ରାର୍ଥୀ ଭାବରେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଉକ୍ତ ଜୋନଟି ୯ ପଞ୍ଚାୟତକୁ ନେଇ ଗଠିତ। ସେଗୁଡ଼ିକ ହେଲା ବାଲିପଡ଼ିଆ, ବରଦା, ବିକ୍ରମତିରଣ, ପଲେଇ, ଗୋପାଳପୁର, ରଇପୁର, ସାଉଡ଼ିଆ, କୋଲଣଗିରି ଓ ଭରତପୁର। ଅନ୍ୟପକ୍ଷରେ ୧୩୯ ୱାର୍ଡକୁ ନେଇ ଗଠିତ ଏହି ଜୋନ୍‌ରେ ୪୦,୦୫୮ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୨୦,୫୦୨ ହୋଇଥିଲା ବେଳେ ମହିଳା ଭୋଟର ୧୯,୫୫୫ ରହିଛନ୍ତି। ଜଣେ ଟ୍ରାନ୍ସଜେଣ୍ଡର ଭୋଟର ଅଛନ୍ତି। ୩ ପ୍ରାର୍ଥୀଙ୍କ ଭାଗ୍ୟ ଆସନ୍ତା ୧୮ ତାରିଖରେ ନିର୍ଦ୍ଧାରଣ କରିବେ ଭୋଟର। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଶାସକ ବିଜେଡି ପାଇଁ ପ୍ରଚାର ମଙ୍ଗ ଧରିଥିଲାବେଳେ କଂଗ୍ରେସ ପ୍ରଚାର ମଙ୍ଗ ଧରିଛନ୍ତି ଯୁବନେତା ରାଜନାରାୟଣ ମହାପାତ୍ର ଓ ଭାଜପାର ପ୍ରଚାର ମଙ୍ଗ ଧରିଛନ୍ତି ରାଜ୍ୟ ସମ୍ପାଦକ ଅମର ନାୟକ। ଜୟଶ୍ରୀ ବିଜେଡି ସରକାରଙ୍କ ଯୋଜନା ଓ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ନେଇ ଭୋଟରଙ୍କ ନିକଟକୁ ଯାଉଥିଲା ବେଳେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନାକୁ ସୁପ୍ରଭାସିନୀ ଅସ୍ତ୍ର କରିଛନ୍ତି। ଉଭୟ ଦଳର କେନ୍ଦ୍ର ଓ ରାଜ୍ୟ ବିରୋଧରେ ହୋଇଥିବା ବିଫଳତାକୁ ନେଇ ସୁଜାତା ପ୍ରଚାର କରୁଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ଜୋନରୁ ବିଜେଡିର ବିପିନ ବିହାରୀ ଜେନା ୧୨,୮୨୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଅଜୟ କୁମାର ସାମଲଙ୍କଠାରୁ ୪,୮୪୨ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଏଠାରୁ ଭାଜପା ପ୍ରାର୍ଥୀ ପ୍ରଦୀପ୍ତ ସାମଲ ୪,୦୩୯ଖଣ୍ଡ ଭୋଟ ପାଇଥିଲା ବେଳେ ସ୍ୱାଧୀନ ପ୍ରାର୍ଥୀ ଅସିତ୍ ସାମଲ ୧,୧୧୯ ଖଣ୍ଡ ଭୋଟ ପାଇଥିଲେ। କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ପ୍ରାର୍ଥୀ ହୋଇଥିବା କରୁଣାକର ମହାରଣା ୯୨୩, ସ୍ୱାଧୀନ ପ୍ରାର୍ଥୀ ଉମ୍ବରୁଧର ସାହୁ ୫୨୪, ସ୍ୱାଧୀନ ପ୍ରାର୍ଥୀ ଯତିନ୍ଦ୍ର କୁମାର ସାହୁ ୭୩ଖଣ୍ଡ ଭୋଟ ପାଇଥିଲାବେଳେ କଂଗ୍ରେସ ପ୍ରାର୍ଥୀ ୭,୯୮୨ ଭୋଟ ପାଇଥିଲେ। ଏହି ୯ ପଞ୍ଚାୟତରୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ଅଧିକାଂଶ ପଞ୍ଚାୟତକୁ ନିଜ ଦଖଲକୁ ନେଇଥିଲେ। ତେବେ ୨୦୧୨ ପଞ୍ଚାୟତ ନିର୍ବାଚନରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ଅଜୟ କୁମାର ସାମଲ ବିଜେଡିର ସ୍ୱର୍ଗତ ଇନ୍ଦ୍ରମଣି ମହାପାତ୍ରଙ୍କୁ ହରାଇ ବିଜୟୀ ହୋଇଥିଲେ। ମାତ୍ର ଚଳିତ ନିର୍ବାଚନରେ କିଏ ବାଜି ମାରିବେ ତାହା ଭୋଟ ଗଣତି ପରେ ଜଣାପଡ଼ିବ।

## ଦୁର୍ଘଟଣାରେ ଦମ୍ପତି, ଝିଅ ଗୁରୁତର

**ବରୀ,୧୩।୨(ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ମାଳଦା ଛକ ନିକଟରେ ରବିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବରୀ ବଜାରଠାରୁ ଯାଜପୁର ଅଭିମୁଖେ ବାଇକରେ ଯାଉଥିବା ଦମ୍ପତି ଓ ତାଙ୍କ ଝିଅଙ୍କୁ ବରୁହାଁ ପଟରୁ ଆସୁଥିବା ଏକ କାର୍ ଧକ୍କା ଦେଇଛି। ଫଳରେ ବାଇକ୍‌ରେ ଥିବା ୩ଜଣ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ଅତ୍ୟଧିକ ମଦ୍ୟପାନ କରି ଗାଡି ଚଳାଉଥିବାରୁ ଏହି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ସମ୍ପୃକ୍ତ ଡ୍ରାଇଭରଙ୍କ ଘର ଏହି ଥାନା ଅଧୀନ ଇଶାଣପୁର ଅଞ୍ଚଳରେ ବୋଲି ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା କାର୍‌ଟି ରାସ୍ତା କଡ଼କୁ ଓଲଟି ପଡ଼ିଛି। ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଗୁରୁତରମାନଙ୍କ ପରିଚୟ ମିଳି ପାରିନାହିଁ।

## ନିଆଁ ଲାଗି ବୃଦ୍ଧା ଗୁରୁତର

**ବରୀ,୧୩।୨(ଡି.ଏନ.ଏ.)**

ବରୀ ବ୍ଲକ୍ ଅଧୀନ ମଦାରୀ ପଞ୍ଚାୟତର ଜଣେ ବୃଦ୍ଧା ରୋଷେଇ କରୁଥିବା ବେଳେ ତାଙ୍କ ଶାଢ଼ିରେ ନିଆଁ ଲାଗିଯିବାରୁ ସେ ଗୁରୁତର ହୋଇଛନ୍ତି। ସେ ହେଲେ ମୀରା ଜେନା (୬୫)। ଖବର ପାଇ ୨୨ ନଂ. ଜିଲା ପରିଷଦ ପ୍ରାର୍ଥୀ କବିର ଦାସ, ମଦାରୀ ସରପଞ୍ଚ କବିତା ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଫଳରେ ଓଡ଼ିଶା ମୋ ପରିବାର ପକ୍ଷରୁ ଯାଜପୁର ସଂଯୋଜକ ବିମଳ ଦାସଙ୍କ ସହାୟତାରେ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଥିବା ସୂଚନା ମିଳିଛି।

# ଧର୍ମଶାଳା, ଜେନାପୁର ପୋଲିସର ଫ୍ଲାଗମାର୍ଚ୍ଚ



ଜେନାପୁର ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଉଛି।

**ଧର୍ମଶାଳା/ଜେନାପୁର,୧୩।୨(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ୧୬ ତାରିଖରେ ଅନୁଷ୍ଠିତ ହେବ। ଏନେଇ ରବିବାର ଧର୍ମଶାଳା ଓ ଜେନାପୁର ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ବ୍ଲକର ୬୩୭ ବୁଥ୍ ମଧ୍ୟରୁ ୧୩୨ ଉତ୍ତେଜନା ଓ ୮୩ ଅତି ଉତ୍ତେଜନା ବୁଥ ଚିହ୍ନଟ ହୋଇଛି। ପ୍ରତି ବୁଥ ପାଇଁ ଜଣେ ପୋଲିସ ଅଧିକାରୀ ଓ ୬୩ କର୍ମଚାରୀଙ୍କୁ ଅତିରିକ୍ତ ଭାବେ ନିୟୋଜିତ କରାଯିବ। ଧର୍ମଶାଳା ଥାନା ଅଧୀନ ୨୧ ପଞ୍ଚାୟତରେ ୫୬ ଉତ୍ତେଜନା ଓ ୪୯ ଅତି ଉତ୍ତେଜନା ବୁଥ ଚିହ୍ନଟ ହୋଇଛି। ଏଥିପାଇଁ ୧୬ ପୋଲିଂ ପାର୍ଟି, ୪ ସୁପରଭାଇଜର ପୋଲିଂ ପାର୍ଟି ଓ ୨୨ ସ୍ପେଶାଲ ପୋଲିସ ଅଫିସର ନିୟୋଜିତ ହେବେ ବୋଲି ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଧର୍ମଶାଳା ପୋଲିସ ପକ୍ଷରୁ ଶାନ୍ତିବଜାର, ଜାରକା ବଜାର, ଗଙ୍ଗାଧରପୁର, ଥାନୁଆଳ, କୁମାରୀ ଚୋରମୁହାଁ, ଭୁବନ, ନେଉଳପୁର, କଣ୍ଟିଗଡ଼ିଆ ଆଦି ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଛି।

ସେହିପରି ଜେନାପୁର ଥାନା ଅଧୀନରେ ୧୮ ପଞ୍ଚାୟତ ମଧ୍ୟରୁ ୬୩ ଉତ୍ତେଜନା ଓ ୨୮ ଅତି ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ ହୋଇଛି। ସେଥିପାଇଁ ୧୧ଟି ପୋଲିଂ ପାର୍ଟି, ୫ଟି ସୁପରଭାଇଜର ପାର୍ଟି ଓ ୨୮ ସ୍ପେଶାଲ ପୋଲିସ ଅଫିସର ନିୟୋଜିତ ହେବେ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ବ୍ଲକରେ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୨୦ ପୋଲିସ କର୍ମଚାରୀ ନିୟୋଜିତ ହେବେ। ଥାନା ପକ୍ଷରୁ ଜେନାପୁର, ବୃନ୍ଦାଦେଇପୁର, ମର୍ଜିତାପୁର, କବାଟବନ୍ଧ, ରାଇଛନ୍ଦାଠାରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ନାୟକଙ୍କ ନେତୃତ୍ୱରେ ଏସ୍‌ଆଇ ମନୋରଞ୍ଜନ ଦାସ, ଏଏସ୍‌ଆଇ ମନୋରଞ୍ଜନ ସାମଲଙ୍କ ସହ ଏକ ପ୍ଲାଟୁନ ଫୋର୍ସ ଫ୍ଲାଗମାର୍ଚ୍ଚ କରିଛନ୍ତି। ଛକବଜାରରେ ପୋଲିସ ଦେଖି ସାଧାରଣ ଲୋକେ ଓ ବ୍ୟବସାୟୀଙ୍କ ମନରେ ଭୟ ଉପୁଜି ଥିଲା। ସୋମବାର ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁ ରହିବ।

## ପୋଷ୍ଟର ଚିରା ଘଟଣାରେ ୨ ଗିରଫ

**ଚଣ୍ଡିଖୋଲ,୧୩।୨(ଡି.ଏନ.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ଭୂଷଣ୍ଡପୁର ପଞ୍ଚାୟତରେ ଶନିବାର ରାତିରେ ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ପୋଷ୍ଟର ଚିରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ରବିବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ସରୋଜ ମାଝି ଓ ବାବୁ ସାମଲ। ଉଭୟ ଭୂଷଣ୍ଡପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାରତ ଭୂଷଣ ପଣ୍ଡାଙ୍କୁ ଶନିବାର ରାତିରେ ଗାଳିଗୁଲଜ କରିବା ସହ ତାଙ୍କ ପୋଷ୍ଟର ଚିରିଥିଲେ। ଏନେଇ ଭାରତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୦।୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ସୁଶୀଲ କୁମାର ନାୟକ ସୂଚନା ଦେଇଛନ୍ତି।

## ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହ ସ୍ଥାପନ, ମନ୍ଦିର ପ୍ରତିଷ୍ଠା

**ଯାଜପୁର ଅଫିସ,୧୩।୨**

ରସୁଲପୁର ବ୍ଲକ ଅର୍ନ୍ତଗତ ବନ୍ଧଡ଼ିହ ପଞ୍ଚାୟତ ହାଟ ନିକଟରେ ଥିବା ମାରୁତି କୃପା ପରିଷଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୭ ତାରିଖରୁ ୬ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅଙ୍କୁରରୋପଣ, କଳସ ଶୋଭାଯାତ୍ରା, ଅଗ୍ନିସ୍ଥାପନ, ଅଧିବାସ, ଆହୁତି, ବିଗ୍ରହମାନଙ୍କ ନଗର ଭ୍ରମଣ, ମହାସ୍ନାନ, ବିଗ୍ରହମାନଙ୍କ ନ୍ୟାସ ଓ ସାହାଣ ମେଳା, ବିଗ୍ରହମାନଙ୍କ ଷୋଡ଼ଶ ଉପଚାର ଆଦି ଯଥାବିଧି ମୁଖ୍ୟ ପଣ୍ଡିତ ବିଷ୍ଣୁଚରଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ କୃଷ୍ଣଚନ୍ଦ୍ର ପଣ୍ଡା, ପଣ୍ଡିତ ପଦ୍ମଲୋଚନ ଦାଶ, ପଣ୍ଡିତ ଶିବମ୍ ଶୁକ୍ଳା, ପଣ୍ଡିତ ରାକେଶ ଦାଶଙ୍କ ଦ୍ୱାରା ହୋମ ଓ ଯଜ୍ଞ କାର୍ଯ୍ୟ ସମ୍ପାଦିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପଦେଷ୍ଟା ରାମାୟଣୀ ଅର୍ଜ୍ଜୁନ କୁମାର ମହାନ୍ତି, ସଭାପତି ରଞ୍ଜନ ବେହେରା, ସମ୍ପାଦକ ରଞ୍ଜିତ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ।



ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହ ସ୍ଥାପନ କରାଯାଇଛି।

## ବୋଲେରୋ ଧକ୍କାରେ ଯୁବକ ମୃତ

**ପଦ୍ମପୁର, ୧୩।୨(ଡି.ଏନ.ଏ.)**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ବ୍ରହ୍ମପୁର ଗ୍ରାମର ଡାକ୍ତର ସିଂ ନାମକ ଯୁବକଙ୍କର ଏକ ବୋଲେରୋ ଧକ୍କାରେ ରବିବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ପୂର୍ବାହ୍ନରେ ଦୋଳସାହି ସ୍ଥିତ ଶ୍ୱଶୁର ଘରକୁ ବାଇକ୍‌ରେ ଯାଇଥିଲେ। ସେଠାରୁ ଫେରି ଇଚ୍ଛାପୁର ଛକ ନିକଟରେ ବାଇକ୍ ରଖି ତାଙ୍କ ସାଙ୍ଗଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ଭଦ୍ରକ ଆଡୁ ଆସୁଥିବା ଉକ୍ତ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣାକୁ ନେଇ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ସାବରଙ୍ଗ ଥାନା ପୋଲିସ ପହଞ୍ଚି ବୋଲେରୋ ଡ୍ରାଇଭରଙ୍କୁ ଗିରଫ କରିବା ସହ ଗାଡ଼ିକୁ ଜବତ କରି ଥାନାକୁ ନେଇଛି। ଏନେଇ ଥାନାରେ ମାମଲା (ନଂ.୩୮/୨୨) ରୁଜୁ ହୋଇଛି।

## ୯୫୭ଜଣଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧.୭୭ ଲକ୍ଷ ଭୋଟର

**ଧର୍ମଶାଳା,୧୩।୨ (ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ୧୬ ତାରିଖରେ ଭୋଟ ଗ୍ରହଣ ହେବ। ବ୍ଲକର ୪୫ ପଞ୍ଚାୟତରେ ୱାର୍ଡ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀ ଭାବେ ମୋଟ ୯୫୭ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୧ ଲକ୍ଷ ୭୭ ହଜାର ୧୧୨ଜଣ ଭୋଟର ମତଦାନ କରିବେ। ୪୫ ପଞ୍ଚାୟତ ମଧ୍ୟରୁ ୨ଟିରେ ସରପଞ୍ଚ, ୨ଟିରେ ସମିତିସଭ୍ୟ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ୩୦୧ଟି ୱାର୍ଡର ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବାବେଳେ ୪୪ଟି ୱାର୍ଡରେ କେହି ପ୍ରାର୍ଥୀ ନାହାନ୍ତି।

ଧର୍ମଶାଳା ବ୍ଲକର ୫ଟି ଜିଲା ପରିଷଦ ଜୋନ୍‌ରେ ୨୦ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୪୩ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୧୬୨ ଜଣ ଓ ସମିତି ସଭ୍ୟ ପାଇଁ ୧୩୮ଜଣ ଓ ୨୯୨ଟି ୱାର୍ଡରେ ୬୩୭ଜଣ ପ୍ରାର୍ଥୀ ହୋଇଛନ୍ତି। ୧୬ ତାରିଖ ସକାଳ ୭ରୁ ବ୍ଲକର ୬୩୭ଟି ବୁଥରେ ଭୋଟ ଗ୍ରହଣ କରାଯାଇ ଦିନ ୧ଟା ସୁଦ୍ଧା ଶେଷ ହେବ। ୯୧ ହଜାର ୭୦ଜଣ ପୁରୁଷ ଓ ୮୬ହଜାର ୪୨ଜଣ ମହିଳା ମୋଟ ୧ଲକ୍ଷ ୭୭ ହଜାର ୧୧୨ଜଣ ଭୋଟର ମତଦାନ କରିବେ। ୬୩୭ ବୁଥ ପାଇଁ ୨୮ଶହ ପୋଲିଂ କର୍ମଚାରୀ ନିୟୋଜିତ ହେବେ। ପୋଲିଂ ପାର୍ଟି ଧର୍ମଶାଳା ମହାବିଦ୍ୟାଳୟରୁ ୧୫ ତାରିଖ ସୁଦ୍ଧା ପୋଲିଂ ସାମଗ୍ରୀ ଧରି ବୁଥ୍‌ରେ ପହଞ୍ଚିବେ ବୋଲି ଧର୍ମଶାଳା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି। ଚଳିତଥର ବୁଥ୍‌ରେ ଭୋଟ ଗଣତି ହେଉ ନ ଥିବାରୁ ଭୋଟ ବାକ୍ସ ଛଡ଼ାଇନେବା ଓ ନଷ୍ଟ କରିବା ଘଟଣା ପୁନରାବୃତ୍ତି ହେବ ନାହିଁ ବୋଲି ଆଶା କରାଯାଉଛି।

# ଗାନ୍ଧୀ ଚିନ୍ତାଧାରାରେ ନିର୍ବାଚନୀ ପ୍ରଚାର



ସରପଞ୍ଚ ପ୍ରାର୍ଥୀ ଭୋଟରଙ୍କୁ ଗାନ୍ଧିବାଦର କଥା କହି ପ୍ରଚାର କରୁଛନ୍ତି।

**ଚଣ୍ଡିଖୋଲ,୧୩।୨(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବୃନ୍ଦାବନ ତ୍ରିପାଠୀଙ୍କ ପୁଅ ଧନଞ୍ଜୟ ତ୍ରିପାଠୀ ଗାନ୍ଧୀଙ୍କ ନୀତି ଆଦର୍ଶକୁ ପାଥେୟ କରି ନିଆରା ଢଙ୍ଗରେ ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସେ ଘରକୁ ଘର ବୁଲି ନିଜେ ପ୍ରଚାର କରୁଥିବାବେଳେ ଗାଁକୁ ନିଶାମୁକ୍ତ କରିବା ସହ ସ୍ୱଚ୍ଛ ଶାସନ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି। ଏ କଥା ମଧ୍ୟ କହିଛନ୍ତି, ଯଦି ଲୋକେ ତାଙ୍କୁ ନିର୍ବାଚିତ କଲାପରେ ତାଙ୍କର କୌଣସି କାର୍ଯ୍ୟ ଦ୍ୱାରା ଅସନ୍ତୁଷ୍ଟ ହୁଅନ୍ତି ତେବେ ସେ ପଦବୀ ପରିତ୍ୟାଗ କରିବେ। ଧନଞ୍ଜୟ ତାଙ୍କ ସହ ସମିତିସଭ୍ୟ ପ୍ରାର୍ଥୀ ବିକ୍ରମ ରାଉତରାୟଙ୍କୁ ଧରି ପ୍ରତି ଗ୍ରାମରେ ପ୍ରଚାରକୁ ଜୋରଦାର କରିଛନ୍ତି। ତାଙ୍କର ଏହି ନିଆରା ରାଜନୀତିକୁ ସମର୍ଥନ ଦେଇ ସର୍ବୋଦୟ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସ, ଗାନ୍ଧୀ ସ୍ମାରକୀ ନିଧିର ଡାକ୍ତର ବିଶ୍ୱଜିତ, ରାଷ୍ଟ୍ରୀୟ ଯୁବ ସଙ୍ଗଠନର ମାନସ ପଟ୍ଟନାୟକ ପ୍ରମୁଖ ବାଲିପଡ଼ିଆ ପଞ୍ଚାୟତରେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ ରାଜନୀତିରେ ବିପୁଳ ପରିମାଣରେ ମଦ ଓ ଟଙ୍କା କାରବାର ହେଉଥିବାବେଳେ ଗାନ୍ଧୀବାଦର ଚିନ୍ତାଧାରାକୁ ନେଇ ଚାଲିଥିବା ଏହି ନିଆରା ପ୍ରଚାରକୁ ବେଶ ଜନ ସମର୍ଥନ ମିଳୁଥିବା ଦେଖାଯାଇଛି।

# ୩ ଦଳ ମଧ୍ୟରେ ଜୋର୍‌ଦାର ଲଢ଼େଇ

**ବିଞ୍ଝାରପୁର,୧୩।୨(ଡି.ଏନ.ଏ.)**

**■ ବିଞ୍ଝାରପୁର ବ୍ଲକର ୨୬ ନମ୍ବର ଜିଲା ପରିଷଦ ଜୋନ୍**



ଯାଜପୁର ଜିଲା ପରିଷଦ ଅଧୀନ ବିଞ୍ଝାରପୁର ବ୍ଲକ ୨୬ ନମ୍ବର ଜୋନ୍‌ରେ ବିଜେଡି, ଭାଜପା ଓ କଂଗ୍ରେସ ୩ ପ୍ରମୁଖ ଦଳ ମଧ୍ୟରେ ଜୋରଦାର ଲଢ଼େଇ ଦେଖିବାକୁ ମିଳିଛି। ମାଁସଡ଼ା, ବିଞ୍ଝାରପୁର, ସୟଦପୁର, ଚନ୍ଦ୍ରମୁଁ, କଏଣା-ରଘୁନାଥପୁର, ଚିକଣା ଓ ବରପଦା ୭ ପଞ୍ଚାୟତକୁ ନେଇ ଉକ୍ତ ଜୋନ୍ ଗଠିତ। ୧୫ ବର୍ଷ ହେଲା ବିଜେଡି ଏହି ଜୋନ୍‌କୁ ନିଜ ଅକ୍ତିଆରରେ ରଖିଥିଲାବେଳେ ଚଳିତ ନିର୍ବାଚନରେ ଦଳ ଟାଣୁଆନେତା ତଥା ୨ଥରର ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲଙ୍କୁ ପ୍ରାର୍ଥୀ କରିଛି। ବିଜେଡି ସରକାରର ବିକାଶ ସାଙ୍ଗକୁ ନବୀନଙ୍କ ଭାବମୂର୍ତ୍ତି ଓ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନୀତି ଆଦର୍ଶକୁ ପାଥେୟକରି ସାମଲ ବିଭିନ୍ନ ପଞ୍ଚାୟତକୁ ଯାଇ ଭୋଟ ଭିକ୍ଷା କରିବା ସହ ଦଳର ଗଡ଼ ବଞ୍ଚାଇବାକୁ ଚେଷ୍ଟା ଚଳାଇଛନ୍ତି। ସାମଲଙ୍କ ସମେତ ବିଜେଡି ନେତା ସେକ ଓସିଉଲ୍ଲା, ଛାତ୍ର ସଭାପତି ଲେନିନ ଦାସ, ଯୁବ ସଭାପତି ଦିଲୀପ ରାଉଳ, ସୋସିଆଲ ମିଡିଆ ସଂଯୋଜକ ନିରଞ୍ଜନ ରାଉତ, ପ୍ରଦୀପ ମଲ୍ଲିକ, ବାଦଲ ମହାଳିକ, ସୁରଜ ସାହୁ, ମନୋଜ ମଲ୍ଲିକ ପ୍ରମୁଖଙ୍କୁ ପ୍ରଚାର ମଇଦାନରେ ଦେଖିବାକୁ ମିଳୁଛି।

ସେହିପରି ଉକ୍ତ ଜୋନ ପାଇଁ ଭାଜପା ଅରୁଣଜିତ ରାଉତରାୟଙ୍କୁ ପ୍ରାର୍ଥୀ କରିଛି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନ୍‌ରେ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିଥିବା ଭାଜପା ଚଳିତ ନିର୍ବାଚନରେ ଜଣେ ନୂଆ ଚେହେରା ଭାବେ ରାଉତରାୟଙ୍କୁ ବାଛିଛି। ବାତ୍ୟା, ବନ୍ୟା ଓ ମହାମାରୀ କରୋନାରେ ସମାଜ ସେବାକରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯୁବ ସାମାଜିକ କର୍ମୀ ରାଉତରାୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରା ଓ ବିଜେଡିର ଦୋଷ ତ୍ରୁଟିକୁ ପାଥେୟକରି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି। ଜୋନରେ ଥିବା ବିଭିନ୍ନ ପଞ୍ଚାୟତରେ ଘରକୁ ଘର ବୁଲି ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଭାଜପାକୁ ବିପୁଳ ଭୋଟ ଦେବାକୁ ରାଉତରାୟ ଲୋକଙ୍କୁ ନିବେଦନ କରୁଛନ୍ତି। ତାଙ୍କ ସହିତ ଭାଜପା ଯୁବନେତା ସଞ୍ଜୀବ ସାହୁ, ବିଶ୍ୱଜିତ ସାମଲ, ସୁଶାନ୍ତ ପୁହାଣ, ଗୋଲକଚନ୍ଦ୍ର ସାହୁ, ଗୋକୁଳାନନ୍ଦ ଯେନା, ବସନ୍ତ କୁମାର ସାମଲ ପ୍ରମୁଖଙ୍କୁ ପ୍ରଚାର ମଇଦାନରେ ଦେଖିବାକୁ ମିଳୁଛି। ସେହିପରି କଂଗ୍ରେସ ଉକ୍ତ ଜୋନ୍ ଜୋନ୍ ପାଇଁ ସରୋଜ ନାୟକଙ୍କୁ ପ୍ରାର୍ଥୀ କରିଛି। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏହି ଜୋନରେ ତୃତୀୟ ସ୍ଥାନ ଅକ୍ତିଆର କରିଥିବା କଂଗ୍ରେସ ଚଳିତ ନିର୍ବାଚନରେ ଜଣେ ନୂଆ ଚେହେରା ଭାବେ ନାୟକଙ୍କୁ ପ୍ରାର୍ଥୀ କରିଛି। ରକ୍ତଦାନ ସମେତ ବାତ୍ୟା, ବନ୍ୟାରେ ଲୋକଙ୍କ ସହିତ ଜଡ଼ିତରହି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଯୁବ ସାମାଜିକ କର୍ମୀ ନାୟକ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଙ୍କ ନିକଟରେ ପହଞ୍ଚାଇବାସହ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶ, ଦରଦାମ ବୃଦ୍ଧି, ବେକାରି ସମସ୍ୟାକୁ ପାଥେୟକରି ଲୋକଙ୍କ ନିକଟତର ହେବାକୁ ଚାହିଁଛନ୍ତି। ଜୋନ୍‌ରେ ଥିବା ବିଭିନ୍ନ ପଞ୍ଚାୟତରେ ଘରକୁଘର ବୁଲି ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ କଂଗ୍ରେସକୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ନାୟକ ଲୋକଙ୍କୁ ନିବେଦନ କରୁଛନ୍ତି। ନାୟକଙ୍କ ସମେତ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦିକା କନକଲତା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା କିଶୋର ଚନ୍ଦ୍ର ଦାସ, ଯୁବନେତା କୁଞ୍ଜବିହାରୀ ବେହେରା, ଗୁରୁଚରଣ ମହାନ୍ତି ଓ ସେକ୍ ତଫିକ ପ୍ରମୁଖଙ୍କୁ ନାୟକଙ୍କ ସହିତ ପ୍ରଚାର ମଇଦାନରେ ଦେଖିବାକୁ ମିଳୁଛି। ତେବେ ଚଳିତ ନିର୍ବାଚନରେ ଭୋଟର କାହାକୁ ବାଛୁଛନ୍ତି ଫଳାଫଳ ପରେ ହିଁ ତାହା ଜଣାପଡ଼ିବ।

## ସଂକ୍ଷେପରେ

### ବରାହ ଦ୍ୱାଦଶୀ ନିମନ୍ତେ ଆଳି ଉତ୍ସବମୁଖର



ଆଳି,୧୩।୨(ଡି.ଏନ.ଏ.): ଆଳିର ଆରାଧ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ଜନ୍ମ ମହୋତ୍ସବ ମନ୍ଦିର ପରିସରରେ କୋଭିଡ୍ କଟକଣା ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୁଇବର୍ଷ ହେବ କରୋନା ଯୋଗୁ ଏହା ବନ୍ଦ ରହୁଥିଲା। ମନ୍ଦିର ପରିସରରେ ଠାକୁରଙ୍କ ନୀତିକାନ୍ତି ହେଉଥିବା ବେଳେ ଶ୍ରଦ୍ଧାଳୁଙ୍କ ଦର୍ଶନ ବାରଣ ହୋଇଥିଲା। ଚଳିତବର୍ଷ କୋଭିଡ୍ କଟକଣା ମଧ୍ୟରେ ଉତ୍ସବ ପାଳିତ ହୋଇଥିବାରୁ ଆଳି ଉତ୍ସବ ମୁଖରିତ ହୋଇଥିଲା। ଏହି ଅବସରରେ ଠାକୁରଙ୍କ ବିଭିନ୍ନ ନୀତିକାନ୍ତି କରାଯିବା ସହ ବିଭିନ୍ନ ବେଶ କରାଯାଇଥିଲା। ବରାହ ଦ୍ୱାଦଶୀ ଉପଲକ୍ଷେ ପ୍ରାତଃ ୪ଟା ସମୟରେ ଠାକୁରଙ୍କ ପହୁଡ଼ ଖୋଲିବା ପରେ ମଙ୍ଗଳ ଆଳତି, ଠାକୁରଙ୍କ ରାଜା ବେଶ କରାଯାଇଥିଲା। ପୂର୍ବାହ୍ନ ୧୧ ଟାରେ ବାଲ୍ୟଧୂପ କରାଯାଇଥିଲା। ବରାହ ଦ୍ୱାଦଶୀ ଦିନ ଯେଉଁ ବାଲ୍ୟଧୂପ କରାଯାଏ ତାହା ହେଉଛି ଜନ୍ମ ଧୂପ, ଯାହାକି ବର୍ଷକରେ ଥରେ ମାତ୍ର କରାଯାଏ ବୋଲି ମନ୍ଦିରର ପୂଜକମାନେ କହିଛନ୍ତି। ମଧ୍ୟାହ୍ନରେ ଠାକୁରଙ୍କ ନିକଟରେ ପ୍ରସାଦ ଭୋଗ ଲାଗିହେବା ପରେ ପହଡ଼ ପଡ଼ି ଅପରାହ୍ନରେ ଫିଟିଥିଲା। ସନ୍ଧ୍ୟାଧୂପ ଓ ରାତିରେ ପ୍ରସାଦ ଧୂପ ହୋଇଥିଲା। ଏହି ଅବସରରେ ଠାକୁରଙ୍କ ପାଇଁ ଖିରି, ଲୁଚି, କାକରା, ମାଲପୁଆ ଭଳି ଅନେକ ଭୋଗ ପ୍ରସ୍ତୁତ କରାଯାଇଥାଏ। ଚଳିତ ବର୍ଷ ଦେମାଳ ୟୁଥ୍ କ୍ଲବର ସଦସ୍ୟମାନଙ୍କ ଦ୍ୱାରା ଉତ୍ସବ ଅନୁଷ୍ଠିତ ହୋଇଥିଲା। କଟକଣା ଯୋଗୁ ଅଳ୍ପସଂଖ୍ୟକ ଶ୍ରଦ୍ଧାଳୁ ଠାକୁର ଦର୍ଶନ କରିଥିବା ଦେଖିବାକୁ ମିଳିଥିଲା।

### ଲତା ମଙ୍ଗେସ୍କରଙ୍କୁ ଶ୍ରଦ୍ଧାଞ୍ଜଳି



ରାଜନଗର,୧୩।୨(ଡି.ଏନ.ଏ.): ସୁର ସମ୍ରାଜ୍ଞୀ, ଭାରତରତ୍ନ ଲତା ମଙ୍ଗେସ୍କରଙ୍କୁ ରବିବାର ରାଜନଗର ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ କବି ଶତ୍ରୁଘ୍ନ ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷକ ମନୋଜ ଦାସ, ସଚିନ ଦାସ, ଜଗବନ୍ଧୁ ବେହେରା, ବିନୋରୀ ଜେନା, ସଞ୍ଜୟ ନାୟକ, ରାଜଶ୍ରୀ ପରିଡ଼ା, ପ୍ରତାଶା ପାତ୍ର, କ୍ରାନ୍ତି ସାହୁ, ସଂଗୀତା ମାହନ୍ତ, ରିପ୍ତାଲିନ୍ ରାଉଳ, କିରଣ କୁମାର ସାହୁ, ବର୍ଷାରାଣୀ ବଳ, ଅର୍ଚ୍ଚନା ବେହେରା ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ, ଲତାଙ୍କ ସ୍ୱର ଦୀର୍ଘ ୮ ଦଶନ୍ଧି ଧରି ମଧୁମୟ କରି ରଖିଥିଲା। ସୁବର୍ଣ୍ଣ ସ୍ୱରର ନୀରବତା ଆଜି ସମସ୍ତଙ୍କୁ ବ୍ୟଥିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଅର୍ଥକରୀ ଫସଲ ଆଖୁଚାଷ ତଳମୁହାଁ

- କୃଷିଭିତ୍ତିକ ଅର୍ଥନୀତି ଜିଲାରେ ବିପର୍ଯ୍ୟସ୍ତ
- ଜଳ ପରିଚାଳନା, ମଣ୍ଡିର ଅଭାବ
- ନଦୀ ସଂଯୋଗୀକରଣ କେନାଲ ଆବଶ୍ୟକ



ପଟ୍ଟାମୁଣ୍ଡାଇ ଅଞ୍ଚଳର ଏକ କ୍ଷେତରୁ ଆଖୁ କଟା ଯିବା ପରେ ଟ୍ରକ୍‌ରେ ନିଆଯାଉଛି।

କେନ୍ଦ୍ରାପଡ଼ା ଅଫିସ, ୧୩।୨

କେନ୍ଦ୍ରାପଡ଼ା ଜିଲାର ୭୦ ପ୍ରତିଶତ ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ତେବେ ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ଦୀର୍ଘଦିନ ଧରି ହେଉନାହିଁ। ପ୍ରାୟ ୧୫ ହଜାର ହେକ୍ଟର ଅଞ୍ଚଳରେ ହେଉଥିବା ଆଖୁଚାଷ ଚଳିତବର୍ଷ ୧ ହଜାର ହେକ୍ଟରକୁ ଛୁଇଁପାରିନାହିଁ। ସେହିପରି ଝୋଟ ପାଇଁ ପ୍ରସିଦ୍ଧିଲାଭ କରିଥିବା ଗବେଷଣା କେନ୍ଦ୍ର ଏବେ ଅକାମୀ ହୋଇଛି। ହରଡ଼, ସୂର୍ଯ୍ୟମୁଖୀଠାରୁ ଆରମ୍ଭ କରି ବହୁ ଅର୍ଥକରୀ ଫସଲ ଉତ୍ପାଦନ, ବିକ୍ରି ପାଇଁ ଜଳ ପରିଚାଳନା ଓ ମଣ୍ଡିର ଅଭାବ ଦେଖାଦେଇଛି। ଉନ୍ନତ ଜ୍ଞାନ କୌଶଳ ପ୍ରଦାନ ସହିତ ଉପାନ୍ତ ଅଞ୍ଚଳରେ ଥିବା ନଦୀଗୁଡ଼ିକ ସଂଯୋଗୀକରଣ ପାଇଁ ଏକ ବୃହତ୍ କେନାଲର ଆବଶ୍ୟକତା ଥିବା ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ପଟ୍ଟାମୁଣ୍ଡାଇର ଆଖୁଚାଷୀ ଅକ୍ଷୟ ବେହେରା କହିଛନ୍ତି, ଜିଲାର ଗରଦପୁର, ମାର୍ଶାଘାଇ, ଡେରାବିଶ, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା ବ୍ଲକ ଅଞ୍ଚଳର ଚାଷୀ ୧୦ ବର୍ଷ ପୂର୍ବେ ଆଖୁଚାଷକୁ ପ୍ରାଧାନ୍ୟ ଦେଇଥିଲେ। ତତ୍କାଳୀନ ସମୟରେ ୧୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଅଞ୍ଚଳରେ ଆଖୁଚାଷ ହେଉଥିଲା। ନିକଟସ୍ଥ କୃଷ୍ଣଦାସପୁରରେ ଏକ ଆଖୁ ମିଲ୍ ଥିଲା। ଏହି ମିଲ୍ ବନ୍ଦ ହେବା ସହିତ କ୍ଷେତକୁ ଜଳ ପରିଚାଳନା ନ ହେବାରୁ ଚାଷ ନଷ୍ଟ ହେଉଛି। ବୃହତ୍ ବଜାର ଅଭାବରୁ ପର୍ବପର୍ବାଣି ପାଇଁ ମାତ୍ର ହଜାର ହେକ୍ଟର ଅଞ୍ଚଳରେ ଏବେ ଚାଷ ହେଉଛି। କେନ୍ଦ୍ରାପଡ଼ା ବ୍ଲକ କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତି, ଜିଲାରେ ଚାଷ କରି ସାମ୍ପ୍ରତିକ ସମୟରେ ପରିବାର ପ୍ରତିପୋଷଣ କରିବା ବଡ଼ କଷ୍ଟକର। ୧୫ ଏକର ଜମିରେ ହରଡ଼ ଓ ସୂର୍ଯ୍ୟମୁଖୀ ଚାଷ ହେଉଥିବା ବେଳେ ଚଳିତ ବର୍ଷ ମଜୁରି ମୂଲ୍ୟ, ଜଳ ଯୋଗାଣ ଆଦି ଅସୁବିଧା ସୃଷ୍ଟି ହେବାରୁ କ୍ଷେତ ପଡ଼ିଆ ରହିବ। ବଜାରରେ ଉପଯୁକ୍ତ ମୂଲ୍ୟ ନ ମିଳିବାରୁ ବାଧ୍ୟ ହୋଇ ଦୁଇପୁଅ କର୍ମନିଯୁକ୍ତି ପାଇଁ ସୁରଟକୁ ଯାଇଛନ୍ତି। କୃଷକ ନେତା ଦୁର୍ଯ୍ୟୋଧନ ସାହୁ କହିଛନ୍ତି, କେନ୍ଦ୍ର ସରକାରଙ୍କ ଆତ୍ମନିର୍ଭର ଭାରତ ସ୍ଲୋଗାନ ଓ ରାଜ୍ୟ ସରକାରଙ୍କ କେନ୍ଦ୍ରାପଡ଼ା ଜିଲାର କୃଷି ପ୍ରତି ବିଶେଷ ଧ୍ୟାନ ଦେବା ପ୍ରତିଶ୍ରୁତି ଏଠାରେ କାର୍ଯ୍ୟକାରୀ ହେଉନାହିଁ। ଦୀର୍ଘ ୨୫ ବର୍ଷ ଧରି ଜଳସେଚନ ପାଇଁ କେନାଲ ଖନନ ହୋଇ ନ ଥିବା ବେଳେ ଖରିଫ ଧାନ ଚାଷ ସମୟରେ ଜଳ ନିଷ୍କାସନ ଏକ ସମସ୍ୟା ହୋଇଛି। ରାଜ୍ୟରେ ପ୍ରତିବର୍ଷ ୨.୨୧ ଲକ୍ଷ ମେଟ୍ରିକ ଟନ ଚିନିର ଆବଶ୍ୟକତା ଅଛି। ଏଥିପାଇଁ ଆଖୁଚାଷକୁ ପ୍ରୋତ୍ସାହନ ମିଳିବା କଥା। ଜିଲାରେ ଏହି ଚାଷ ଏବେ ତଳମୁହାଁ ହୋଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଚିନିକଳକୁ ବନ୍ଦ କରାଯାଉଛି। ଉପଯୁକ୍ତ ବଜାର ମଣ୍ଡି ନ ହେଲେ ଚାଷୀ କ୍ଷତି ସହିବ। ବୁଦ୍ଧିଜୀବୀ ମୀର ଅବୁ ଓବେଦା କହିଛନ୍ତି, ଜିଲା ପାଇଁ ଜଳ ପରିଚାଳନା ଏକ ବଡ଼ ସମସ୍ୟା। ଏହାର ସମାଧାନ ପାଇଁ ଉପାନ୍ତ ଅଞ୍ଚଳରେ ଥିବା ନଦୀର ସଂଯୋଗୀକରଣ କେନାଲ ଆବଶ୍ୟକ। ବନ୍ୟା ସମୟରେ ଏହାକୁ ସୁପରିଚାଳନା କରିହେବ। ସେହିପରି ବିଭିନ୍ନ ବ୍ଲକେଜ ମାଧ୍ୟମରେ କ୍ଷେତକୁ ଜଳସେଚନ ହୋଇପାରିବ। ଏ ସମ୍ପର୍କରେ ଜଜାଙ୍ଗସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର କହିଛନ୍ତି, ଏହି ଜିଲା ପ୍ରାକୃତିକ ବିପର୍ଯ୍ୟୟ ଜୋନରେ ଅଛି। ଜିଲାରେ ଚାଷ ପାଇଁ ଉପଯୁକ୍ତ ପରିମାଣରେ ବର୍ଷା ହେଉଥିଲେ ମଧ୍ୟ ୪ ପ୍ରକାର ମାଟି ଅଛି। ଏହାକୁ ଭିତ୍ତିକରି ସମନ୍ୱିତ ଚାଷକୁ ଗୁରୁତ୍ୱ ଦିଆଯାଇଛି। ପୋଖରୀ, ପନିପରିବା, ଫଳଗଛ ଲଗାଇବାକୁ ପରାମର୍ଶ ଦିଆଯାଉଛି। ସେହିପରି ଛେଳି, କୁକୁଡ଼ା ଫାର୍ମ, ଛତୁ, ହଳଦୀ ଓ ଔଷଧୀୟ ବୃକ୍ଷ ଜିଲାର ଅର୍ଥନୀତି କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବ ବୋଲି ସେ ମତ ଦେଇଛନ୍ତି। ଜିଲା ଉଦ୍ୟାନ କୃଷି ଅଧିକାରୀ କନ୍ଦ ଜେନାଙ୍କୁ ପଚାରିବାରେ ଉନ୍ନତ ବୈଷୟିକ ଜ୍ଞାନକୌଶଳର ତାଲିମ କାର୍ଯ୍ୟକ୍ରମ ଚାଲିଛି। ତେବେ ବଜାର ମଣ୍ଡି ଆଖୁ ପରି ଅର୍ଥକରୀ ଫସଲ ଉତ୍ପାଦନ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିଛି ବୋଲି ସେ କହିଛନ୍ତି।

## ଖୋଲାମଞ୍ଚରେ ସାମିଲ ହେଲେ ପ୍ରାର୍ଥୀ

### ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

କେନ୍ଦ୍ରାପଡ଼ା ଅଫିସ,୧୩।୨

କେନ୍ଦ୍ରାପଡ଼ା ଜିଲା ବିକାଶ ସାମ୍ମୁଖ୍ୟ ପକ୍ଷରୁ ଶ୍ୟାମସୁନ୍ଦରପୁରଠାରେ ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାର୍ଥିତ୍ୱ ସମ୍ପର୍କରେ ସଚେତନତା ପାଇଁ ଏକ ଖୋଲାମଞ୍ଚ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମ୍ମୁଖ୍ୟ ସମ୍ପାଦକ ଶିକ୍ଷାବିତ୍ ଅଜୟ ସାମଲଙ୍କ ଦ୍ୱାରା ସଂଯୋଜିତ ମଞ୍ଚରେ ୬ନଂ. ଜୋନ୍‌ର କଂଗ୍ରେସ ପ୍ରାର୍ଥୀ ସସ୍ମିତା ପଣ୍ଡା, ସ୍ୱାଧୀନ ପ୍ରାର୍ଥୀ ରଶ୍ମିତା ଦାସ, ସମିତିସଭ୍ୟ ପ୍ରାର୍ଥୀ ସଜନୀ ମଲ୍ଲିକ, ସୁମିତ୍ରା ମଲ୍ଲିକ, ଅମ୍ବିକା ସେଠୀ, ଉର୍ମିଳା ସେଠୀ ଓ ସରପଞ୍ଚ ପ୍ରାର୍ଥୀ ଅଭୟ ସେଠୀ, ସୁଶ୍ରୀମୟୀ ସେଠୀ, ରବୀନ୍ଦ୍ର ମଲ୍ଲିକ, ଅଙ୍କୁର ସେଠୀ ନିଜର ପ୍ରାର୍ଥିତ୍ୱ ସମ୍ପର୍କରେ ମତ ରଖିଥିଲେ। ସେମାନେ ଦର୍ଶାଇଥିଲେ ଯେ ଶିକ୍ଷା, ପାନୀୟଜଳ, କ୍ଷେତକୁ ଜଳ ପରିଚାଳନାଠାରୁ ଆରମ୍ଭ କରି ତୃଣମୂଳସ୍ତରର ବିଭିନ୍ନ ସମସ୍ୟା ମଧ୍ୟରେ ରହିଛନ୍ତି ଶାମସୁନ୍ଦରପୁର ପଞ୍ଚାୟତବାସୀ। ନେତୃତ୍ୱ ମିଳିଲେ ଏହାର ସମାଧାନ ପାଇଁ ପଥ ସୁଗମ ହେବ। ଆଗାମୀ ୫ ବର୍ଷ ମଧ୍ୟରେ ଏହାକୁ ଜିଲାର ଏକ ଆଗଧାଡ଼ିର ପଞ୍ଚାୟତ ରୂପେ ଗଢ଼ିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ବିକାଶ ସାମ୍ମୁଖ୍ୟର କର୍ମକର୍ତ୍ତା ଆଦିକନ୍ଦ ରାଉଳ ଆଦର୍ଶ ଆଚରଣବିଧି ଓ ନିରପେକ୍ଷତା ସମ୍ପର୍କରେ ମତ ରଖିଥିଲେ। ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ଅଜୟ ନାୟକ, ଭାଗୀରଥି ଜେନା, ବିଭୂତି ଭୂଷଣ କର, ଉମାକାନ୍ତ କର ପ୍ରମୁଖ ଏହି ଖୋଲାମଞ୍ଚକୁ ପରିଚାଳନା କରିଥିଲେ।

## ଭିନ୍ନକ୍ଷମଙ୍କୁ ଟିକିଏ ସ୍ନେହ, ଚେନାଏ ହସ ବାନ୍ଧିରଖିଛି

ମହାକାଳପଡ଼ା, ୧୩।୨(ଡି.ଏନ୍.ଏ.)



ରାମନଗର ଗ୍ରାମର ଭିନ୍ନକ୍ଷମ ରତନ ଓ ସ୍ତ୍ରୀ ଅଞ୍ଜଳିଙ୍କ ସହ।

ପ୍ରେମ ଶାଶ୍ୱତ ଓ ଚିରନ୍ତନ ସତ୍ୟ। ପ୍ରେମ ମାନେନା ଜାତି, ଧର୍ମ, ବର୍ଣ୍ଣ। ନିର୍ବିଶେଷରେ ଗୋଟିଏ ହୃଦୟ ସହ ଅନ୍ୟ ଏକ ହୃଦୟର ଘଟେ ମିଳନ। ପ୍ରେମ ସୁନ୍ଦର ଓ ଅସୁନ୍ଦରକୁ ପଛରେ ପକାଇ ମନ ସହିତ ହୁଏ ମନର ମିଳନ। ପ୍ରେମ କେତେବେଳେ କେଉଁ ମୁହୂର୍ତ୍ତରେ କାହା ଜୀବନରେ ଅକସ୍ମାତ୍ ଚାଲିଆସେ ତାହା ବୁଝିବା ପୂର୍ବରୁ ମନ ସହ ମନ, ଆତ୍ମା ସହ ଆତ୍ମା, ଆଖି ସହ ଆଖିର ହୋଇଯାଏ ମିଳନ। ତା'ପରେ ଛାଏଁ ଛାଏଁ ସୃଷ୍ଟି ହୁଏ ପ୍ରେମ। ଏମିତି ଏକ ଭିନ୍ନକ୍ଷମ ପ୍ରେମୀଯୁଗଳଙ୍କ କାହାଣୀ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର ଗ୍ରାମରେ। ଭିନ୍ନକ୍ଷମ(ବାମନ) ରତନ ମିସ୍ତ୍ରି (୩୮)ଙ୍କ ଶରୀରର ଉଚ୍ଚତା ସାଢ଼େ ୩ ଫୁଟ୍। ଜୀବନଜୀବିକା ପାଇଁ ଗାଁମୁଣ୍ଡ ଛକରେ ଏକ ପାନ ଦୋକାନ କରି ଦୈନିକ ଦୁଇଶହ ଟଙ୍କା ରୋଜଗାର କରନ୍ତି। ନିଜର ୪ ପ୍ରାଣୀ କୁଟୁମ୍ବଙ୍କ ଲାଗି ମୁଠେ ଦାନା ଯୋଗାଡ଼ କରନ୍ତି। ଜୀବନସାଥୀ ଭାବେ ୨୦୧୨ରେ ରାମନଗର ଅଞ୍ଚଳର ଅଞ୍ଜଳି ମିସ୍ତ୍ରି (୩୦)ଙ୍କୁ ବିବାହ କରିଥିଲେ। ଅଞ୍ଜଳି ମଧ୍ୟ ଭିନ୍ନକ୍ଷମ ସ୍ୱାମୀ ରତନଙ୍କୁ ପାଇ ଖୁସି ଅନୁଭବ କରିଥାନ୍ତି। ରତନଙ୍କ ପରିବାର କହିଲେ, ବଡ଼ପୁଅ ଓମ୍ (୯), ସାନପୁଅ ରୋହିତ (୩), ସ୍ତ୍ରୀ ଅଞ୍ଜଳି। ବଡ଼ପୁଅ ଓମ୍ ଜନ୍ମରୁ ମୂକ, ବଧିର। ଚାଲିବାରେ ଶାରୀରିକ ଅକ୍ଷମତା ଦେଖିବାକୁ ମିଳେ। ଏତେ ଦୁଃଖକଷ୍ଟ ସହି ରତନ ନିଜ ପରିବାର ମୁହଁରେ ଟିକେ ଖୁସି ଆଣିବାକୁ ବହୁ ପରିଶ୍ରମ କରନ୍ତି। ସରକାରୀ ଭାବେ ଏହି ଭିନ୍ନକ୍ଷମ ପରିବାରକୁ ମୁଣ୍ଡ ଗୁଞ୍ଜିବା ପାଇଁ ଖଣ୍ଡେ ଛାତଘର ମିଳିନାହିଁ। ନୁଆଁଣିଆ ଚାଳଛପର ଘରେ ଦିନରେ ସୂର୍ଯ୍ୟ ଓ ରାତିରେ ଜହ୍ନ ବିଚ୍ଛୁରିତ ହୋଇ ପଡ଼େ। ଏହି ପରିବାରକୁ ପ୍ରଶାସନ ଭତ୍ତାଟିଏ ଦେଇ କାମସାରି ଦେଇଛନ୍ତି। ଏତେ ଅଭାବ ଅସୁବିଧା ସତ୍ତ୍ୱେ ସ୍ତ୍ରୀ ଅଞ୍ଜଳି ମୁହଁରୁ ଟିକିଏ ସ୍ନେହ, କାଣିଚାଏ ହସ ଦେଖିଲେ ସବୁ ଦୁଃଖ ଲାଘବ ହୋଇଯାଏ ବୋଲି କହିଛନ୍ତି ଭିନ୍ନକ୍ଷମ ସ୍ୱାମୀ ରତନ। ତେବେ ଭିନ୍ନକ୍ଷମ ରତନ ଆଜି ନିଜର ନୀତି ଆଦର୍ଶ ପାଇଁ ଅଞ୍ଚଳର ବିଭିନ୍ନ ବର୍ଗର ଲୋକଙ୍କ ସ୍ନେହ ଆଦରର ପାତ୍ର ହୋଇପାରିଛନ୍ତି।

## ୪ ଘଣ୍ଟା ଚଢ଼ାଉ, ମିଳିଲା ୨୦ଖଣ୍ଡ କାଠ

ଖଇରା, ୧୩।୨(ଡି.ଏନ.ଏ.)

ଏସିଏଫ ସୁଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ରବିବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ଗାଁର ଶାନ୍ତି ଦାସଙ୍କ ଘରେ ଚଢାଉ କରି ଝରକା ବନ୍ଧ ଓ ପଟା ଜବତ କରିଛି। ତେବେ ୪ ଘଣ୍ଟାର ଚଢାଉ ପରେ ମାତ୍ର ୨୦ଖଣ୍ଡ ବନ୍ଧ ଓ ପଟା ଜବତ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଚଢାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପ୍ରାକ୍ତନ ସରପଞ୍ଚ ରବୀନ୍ଦ୍ର ନାୟକ କହିଛନ୍ତି। ଘର ତିଆରି ପାଇଁ ଏହି କାଠ ରଖାଯାଇଥିବା ଶାନ୍ତିଙ୍କ ପରିବାର ଲୋକେ କହିଛନ୍ତି।

## ଗୀତା ବାଣ୍ଟି ନିଆରା ଭୋଟ ଭିକ୍ଷା

ଆଳି,୧୩।୨(ଡି.ଏନ.ଏ.)

ଚଳିତ ପଞ୍ଚାୟତ ନିର୍ବାଚନରେ ଏବେ ନିଆରା ପ୍ରଚାର ଦେଖିବାକୁ ମିଳୁଛି। ପ୍ରାର୍ଥୀ, ପ୍ରାର୍ଥିନୀମାନେ ଭିନ୍ନ ତରିକାରେ ଭୋଟରଙ୍କ ନିକଟତର ହେବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଜଣେ ପ୍ରାର୍ଥିନୀଙ୍କର ବହି ଚିହ୍ନ ଥିବାରୁ ସେ ଭୋଟରମାନଙ୍କୁ ଓଡ଼ିଆ ଜନଜୀବନର ମୁଖ୍ୟ ଧର୍ମଗ୍ରନ୍ଥ ଗୀତା ବାଣ୍ଟି ଭୋଟ୍ ଭିକ୍ଷା କରୁଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ମାଣିକପାଟଣା ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ପ୍ରଣତୀ ପାତ୍ରଙ୍କୁ ନିର୍ବାଚନରେ ଖୋଲାବହି ଚିହ୍ନ ମିଳିଛି। ତେଣୁ ସେ ଘର ଘର ବୁଲି ପ୍ରଚାର କରୁଥିବା ବେଳେ ଭୋଟରମାନଙ୍କୁ ଗୀତା ପୁସ୍ତକ ବାଣ୍ଟୁଛନ୍ତି। ସେ ନିର୍ବାଚନରେ ବିଜୟୀ ହେଲେ ପଞ୍ଚାୟତର ସାମଗ୍ରିକ ବିକାଶ ସହ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଉଥିବା ଦେଖିବାକୁ ମିଳିଛି। ପୂର୍ବରୁ ପ୍ରାର୍ଥୀମାନେ ନିଜ ନିଜର ଚିହ୍ନ ନେଇ ପ୍ରଚାର କରୁଥିବା ବେଳେ ପ୍ରଣତୀଙ୍କ ଏଭଳି ନିଆରା ପ୍ରଚାର ପଞ୍ଚାୟତରେ ବେଶ୍‌ଚର୍ଚ୍ଚାର ବିଷୟ ପାଲଟିଛି।



ଜଣେ ସରପଞ୍ଚ ପ୍ରାର୍ଥିନୀ ଗୀତା ବହି ବାଣ୍ଟି ଭୋଟ ଭିକ୍ଷା କରୁଛନ୍ତି।

## ବିରୋଧୀଙ୍କୁ ଅଡୁଆରେ ପକାଇବ ଗୋଷ୍ଠୀ କନ୍ଦଳ

କୁଆମରା,୧୩।୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକରେ ଆସନ୍ତା ୧୬ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବ। ବ୍ଲକର ୧୩ଟି ପଞ୍ଚାୟତ ସହ ୧୪ ଓ ୧୫ ନଂ. ଜୋନରେ ୩୧୬ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ରାଜନୈତିକ ବାତାବରଣ ସେତିକି ସରଗରମ ହୋଇ ଉଠୁଛି। ନେତାମାନେ ନିଜ ନିଜ ଗଡ଼ ରକ୍ଷା କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ୨୦୧୭ ନିର୍ବାଚନରେ ଦୁଇଟି ଯାକ ଜୋନ ଭାଜପା ହାତେଇ ଥିଲା। ୧୪ ନଂ. ଜୋନରେ ଲାଗି ରହିଥିବା ଗୋଷ୍ଠୀ କନ୍ଦଳ ବିରୋଧୀଙ୍କୁ ଅଡୁଆରେ ପକାଇବ ବୋଲି କୁହାଯାଉଛି। ବିଜେଡିରୁ ଉର୍ମିଳା ଲେଙ୍କା, ଭାଜପାରୁ ସୁଶାନ୍ତି ପରିଡ଼ା, କଂଗ୍ରେସରୁ ପଙ୍କଜିନୀ ମହାପାତ୍ର ଓ ଜେଏମ୍‌ଏମ୍‌ରୁ ମମତା ମୁର୍ମୁ ପ୍ରାର୍ଥୀ ହୋଇଛନ୍ତି। ଏଠାରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ମୁକାବିଲା ହେଉଛି। ଏହି ଜୋନର କୁଶଳଦା, ରାଣୀବନ୍ଧ, ଶୀଳଘାଟି, ପଶୁଦା, ସାନଖୁଣ୍ଟା, ଟିଟିଆ ଓ ଭଣ୍ଡଗାଁ ଆଦି ପଞ୍ଚାୟତ ରହିଛି। ଉଠା ଜଳସେଚନ ନିଗମର ଅଧ୍ୟକ୍ଷ ଅମରେଶ ପତ୍ରି, ଜିଲା ସଂଯୋଜକ କୃଷ୍ଣ ଦାସ, ଜୋନ୍ କୋଅର୍ଡିନେଟର ପ୍ରତାପ ସାହୁ ପ୍ରମୁଖ ବିଭିନ୍ନ ସ୍ଥାନରେ କର୍ମୀମାନଙ୍କୁ ନେଇ ବୈଠକ କରୁଛନ୍ତି। ଅସନ୍ତୁଷ୍ଟ କର୍ମୀ ଏବେ କେଉଁ ଦଳକୁ ଯିବେ ତାହା ଦେଖିବାକୁ ବାକି ରହିଲା।

## ବରୁଣାକୁ ହରାଇ ଭାମଣ୍ଡା ୟୁଥ କ୍ଲବ ବିଜୟୀ

ରାଜକନିକା,୧୩।୨(ଡି.ଏନ.ଏ.)

ରାଜକନିକା ବ୍ଲକର ଭାମଣ୍ଡା ୟୁଥ କ୍ଲବ ପକ୍ଷରୁ କ୍ରିକେଟ୍ ମ୍ୟାଚ ଭାମଣ୍ଡା ୟୁଥ କ୍ଲବ ଓ ବରୁଣା କ୍ରିକେଟ କ୍ଲବ ମଧ୍ୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବରୁଣା ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୨୦୪ ରନ କରିଥିଲା। ଜବାବରେ ଭାମଣ୍ଡା ଦଳ ୨୦୫ ରନ କରି ବିଜୟୀ ହୋଇଛି। ଅତିଥିମାନେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଭାମଣ୍ଡା ୟୁଥ କ୍ଲବର ସଞ୍ଜୟ ବିଶ୍ୱାଳଙ୍କୁ ଟ୍ରଫି ସହ ୧ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ବିଭୂତି ଭୂଷଣ ଦାସ ଓ ନିରଞ୍ଜନ ଦାସ ଖେଳକୁ ପରିଚାଳନା କରିଥିଲେ। ମାନସ ପଟ୍ଟନାୟକ, ଅବିନାଶ ସାମଲ, ଦେବଦତ୍ତ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

# ଦେଢ଼ କେଜି ରୁପା ଗହଣା ଜବତ: ୩ ଗିରଫ

### ଚୋରି ଘଟଣାରୁ ପରଦା ହଟାଇଲା ପୋଲିସ

ପଟ୍ଟାମୁଣ୍ଡାଇ ୧୩।୨(ସ୍ୱ.ପ୍ର.)



ଜବତ ଦେଢ଼ କେଜି ରୁପା ଅଳଙ୍କାର, ଗିରଫ ୩ ଅଭିଯୁକ୍ତ।

ପଟ୍ଟାମୁଣ୍ଡାଇ ଥାନା ପୋଲିସ ହାତରେ ଦେଢ କେଜି ରୁପା ଗହଣା ଚୋରି ଘଟଣାରେ ସମ୍ପୃକ୍ତ ୨ ଦୁର୍ବୃତ୍ତ ଓ ଜଣେ ଚୋରା ଗହଣା ବ୍ୟବସାୟୀଙ୍କୁ ରବିବାର ଗିରଫ ହୋଇଛନ୍ତି। ଗତ ୫ ତାରିଖ ସନ୍ଧ୍ୟାରେ ଅମୃତମଣୋହୀ ଗାଁର ରୁପା ଗହଣା ବ୍ୟବସାୟୀ ମହେନ୍ଦ୍ର କୁମାର ସାହୁ ପଟ୍ଟାମୁଣ୍ଡାଇ ବଜାରରେ ତେଜରାତି ସଉଦା କିଣୁଥିଲେ। ତାଙ୍କ ଅସାବଧାନତାରୁ ରୁପା ଗହଣା ଭର୍ତ୍ତି ବ୍ୟାଗଟିକୁ ଦୁଇ ଦୁର୍ବୃତ୍ତ କୌଶଳକ୍ରମେ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ଲୁଟର ଶିକାର ହୋଇଥିବା ମହେନ୍ଦ୍ର ଥାନାରେ ଏହି ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରି ଲୁଟ୍‌ରେ ସମ୍ପୃକ୍ତ ୩ ଜଣଙ୍କୁ ଧରି ଥିଲା। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଠାକୁରପାଟଣା ଗାଁର କିରଣ ଦାସ, ସଦରଥାନା ବାଜିପଡା ଗାଁର ମନୋଜ ଦାସ ଓ ପାଟକୁରା ଥାନା କରିଲୋପାଟଣା ଗାଁର ଚୋରା ଗହଣା ବ୍ୟବସାୟୀ ମୃତ୍ୟୁଞ୍ଜୟ ସାହୁ। କିରଣ ଓ ମନୋଜ ଗହଣାକୁ ଲୁଟି ନେଇ ମୃତ୍ୟୁଞ୍ଜୟକୁ ବିକ୍ରୟ କରିଥିଲେ। ଏ ନେଇ ଥାନାରେ ନଂ. ୮/୨୨ରେ ମାମଲା ରୁଜୁ ହୋଇଛି। ୩ ଜଣଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ବିଜେଡି, ଭାଜପା ମଧ୍ୟରେ ଟକ୍କର

### ୧୩ ନଂ. ଜିଲା ପରିଷଦ ଜୋନ୍

- କଟକଣା କୋହଳ ପରେ ପ୍ରଚାର ଜମୁଛି
- ପଛରେ ପଡ଼ିଛି କଂଗ୍ରେସ

ଡେରାବିଶ,୧୩।୨(ସ୍ୱ.ପ୍ର.)



ଗୀତାଞ୍ଜଳୀ ସେଠୀ



ଅନସୂୟା ଦାସ



ରଞ୍ଜିତା ସେଠୀ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଡେରାବିଶ ବ୍ଲକରେ ଆସନ୍ତା ୧୬ରେ ମତଦାନ ହେବ। ଭୋଟଗ୍ରହଣ ଆଉ ମାତ୍ର ୭ ଦିନ ବାକି ଥିବା ବେଳେ ୧୩ ନଂ. ଜୋନ୍ ଜିଲା ପରିଷଦ ଆସନ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏହି ଜୋନ୍‌ରେ ସମୁଦାୟ ଭୋଟରଙ୍କ ସଂଖ୍ୟା ୪୧ହଜାର ୭୪୮ । ସେଥିମଧ୍ୟରୁ ମହିଳା ଭୋଟର ସଂଖ୍ୟା ୧୯ହଜାର୯୩୫ ଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୨୧ହଜାର ୮୧୩ । ଶାସକ ବିଜେଡିରୁ ଗୀତାଞ୍ଜଳି ସେଠୀ, ଭାଜପାରୁ ରଞ୍ଜିତା ସେଠୀ ଓ କଂଗ୍ରେସରୁ ଅନସୂୟା ଦାସ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି।

୧୩ନଂ.ଜୋନ୍ ଅଧୀନରେ ବେଣୀପୁର, ମଙ୍ଗଳପୁର, ଛୋଟି, ନହଙ୍ଗ, କୁରୁଜଙ୍ଗା, କାଉପଡ଼ା, ଗୁଆଲସିଂ, କୁଶିଆପାଳ, ରଘୁଦେଇପୁର ଓ ବାରିମୂଳ ଆଦି ୧୦ ପଞ୍ଚାୟତ ରହିଛି । ପାଟକୁରା ନିର୍ବାଚନମଣ୍ଡଳୀରେ ଗୁରୁତ୍ୱ ବହନ କରୁଥିବା ଏହି ଜୋନ୍‌ର ବିଭିନ୍ନ ପଞ୍ଚାୟତରେ ଥିବା ସ୍ଥାନୀୟ ସମସ୍ୟାକୁ ନେଇ ପ୍ରାର୍ଥୀମାନେ ଭୋଟରଙ୍କ ସମ୍ମୁଖୀନ ହେଉଛନ୍ତି । ପ୍ରଚାର ଅଭିଯାନରେ ବିଜେଡି ଓ ଭାଜପା ଆଗରେ ଥିବା ବେଳେ କଂଗ୍ରେସ ପ୍ରାର୍ଥୀ ପଛରେ ପଡ଼ିଛନ୍ତି । ବିଜେଡି ପ୍ରାର୍ଥୀ ଗୀତାଞ୍ଜଳିଙ୍କ ପାଇଁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ, ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଓ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲଙ୍କ ସମେତ ଦଳୀୟ ନେତୃବୃନ୍ଦ ଭୋଟରଙ୍କ ସମର୍ଥନ ଯୋଗାଡ଼ କରିବାରେ ଲାଗିଛନ୍ତି । ଏନେଇ ଗୀତାଞ୍ଜଳି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା, ବିଶେଷ କରି ମହିଳାଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ପଦକ୍ଷେପକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆମେ ଉଦ୍ୟମ ଜାରି ରଖିଛୁ । ଏହି ନିର୍ବାଚନରେ ବିଜେଡିକୁ ଅଧିକ ସମର୍ଥନ ମିଳିବ ବୋଲି ସେ ବହୁ ଆଶାବାଦୀ । ସେହିପରି ଭାଜପା ପ୍ରାର୍ଥୀ ରଞ୍ଜିତା ସେଠୀ ନିଜ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହୁବିଧ ଯୋଜନାକୁ ଭୋଟରଙ୍କ ନିକଟରେ ସେ ପହଞ୍ଚାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏଥିସହିତ ଦୁର୍ନୀତିରେ ଉବୁଟୁବୁ ହେଉଥିବା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ବାଟବଣା କରୁଥିବା ବିଜେଡି ସରକାରଙ୍କ ବିରୋଧରେ ପ୍ରଚାର କରି ସେ ସାଧାରଣ ଭୋଟରଙ୍କ ନିକଟତର ହେଉଥିବା ରଞ୍ଜିତା ପ୍ରକାଶ କରିଛନ୍ତି । ତେବେ ଚଳିତ ନିର୍ବାଚନରେ ସାଧାରଣ ଭୋଟରଙ୍କ ଭାଜପା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅଧିକ ସମର୍ଥନ ଥିବାରୁ ସେ ଏହି ନିର୍ବାଚନରେ ନିଶ୍ଚିତ ବିଜୟୀ ହେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ଅନସୂୟା ନିଜର ସମର୍ଥକଙ୍କ ସହ ପ୍ରତି ପରିବାର ସଦସ୍ୟଙ୍କୁ ଭେଟି ଭୋଟ ଭିକ୍ଷା କରୁଛନ୍ତି। ଅନସୂୟା ନିଜ ପ୍ରତିକ୍ରିୟାରେ କହିଛନ୍ତି, ୧୩ ନଂ. ଜୋନ୍ ଅଧୀନରେ ଥିବା ସମସ୍ତ ପଞ୍ଚାୟତରେ ବହୁ ସମସ୍ୟା ରହିଛି । ଗତ ୨୨ ବର୍ଷ ଶାସନ ମଧ୍ୟରେ ସରକାର ଏହି ଜୋନ୍ ଅଧୀନ ସମସ୍ତ ଗ୍ରାମକୁ ଅଣଦେଖା କରିଛନ୍ତି। ବାସଗୃହ ଯୋଜନାଠାରୁ ଆରମ୍ଭ କରି ପାଇଖାନା ନିର୍ମାଣ ନାମରେ ବହୁ ଦୁର୍ନୀତି ହୋଇଛି। ଏହି ସମସ୍ୟାକୁ ପ୍ରଶାସନ ନିକଟରେ ପହଞ୍ଚାଇବା ପାଇଁ ସେ ସଂକଳ୍ପବଦ୍ଧ ବୋଲି କହିଛନ୍ତି।

# ବିଜେଡି ହାତରୁ ଖସିପାରେ ୬ ଜୋନ୍

**ନୟାଗଡ଼ ଅଫିସ,୧୩।୨**

ନୟାଗଡ଼ ଜିଲା ଦଶପଲ୍ଲା ନିର୍ବାଚନମଣ୍ଡଳୀର ଦଶପଲ୍ଲା, ଗଣିଆ ଓ ନୂଆଗାଁ ବ୍ଲକର ୮, ୯, ୧୦, ୧୧, ୧୬ ଓ ୧୭ ଆଦି ୬ଟି ଜିଲା ପରିଷଦ ଜୋନ୍‌ରେ ବିଜେଡି ଦଳରେ କନ୍ଦଳ ବଢ଼ି ଚାଲିବା ଚିନ୍ତାର କାରଣ ପାଲଟିଛି। ସ୍ଥାନୀୟ ବିଧାୟକ ରମେଶ ବେହେରା ପଞ୍ଚାୟତ ଭୋଟ ପ୍ରଚାରକୁ ଆସି ନିର୍ବାଚନମଣ୍ଡଳୀର ଦଶପଲ୍ଲା ପରେ ଗଣିଆରେ ଭୋଟରଙ୍କ ଦ୍ୱାରା ହଟହଟା ହେବାରୁ ଏପରି ପ୍ରଶ୍ନ ଉଠିଛି। ନିର୍ବାଚନ ପରେ ବିଧାୟକ ବେହେରା ନିର୍ବାଚନମଣ୍ଡଳୀର ଭୋଟରଙ୍କୁ ସମୟ ଦେଉ ନ ଥିବାରୁ ଏପରି ଅସୁବିଧା ସୃଷ୍ଟି ହୋଇଛି। ଫଳରେ ୬ ଜିଲା ପରିଷଦ ଜୋନ ବିଜେଡି ହାତରୁ ଖସିଯାଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି।

ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ବେହେରା ବିଜେଡି ଦଳରୁ ପ୍ରାର୍ଥୀ ହୋଇ ୨୦୧୯ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏଠାରେ ଗୋଟିଏ ଜୋନ୍ ଗଣିଆ ବ୍ଲକରେ ଥିବାବେଳେ ୩ଟି ଜୋନ୍ ଦଶପଲ୍ଲାରେ ଓ ୨ଟି ଜୋନ୍ ନୂଆଗାଁ ବ୍ଲକରେ ରହିଛି। ଏହି ୩ ବ୍ଲକରେ ଦଳିତ ଓ ଆଦିବାସୀ ଲୋକଙ୍କ ସଂଖ୍ୟା ଅଧିକ। ୩ ବ୍ଲକରେ ରହିଛି ଅନେକ ଗାଁ, ଯେଉଁଠି କି ରାସ୍ତା ନାହିଁ। ପୁଣି ନଦୀ ପାଖରେ ରହି ଅନେକ ଗାଁରେ ପାନୀୟଜଳ ଓ ଜଳସେଚନ ଅସୁବିଧା ଲାଗି ରହିଛି।




- ଦଶପଲ୍ଲା ପରେ ଗଣିଆରେ ବିରୋଧ
- ଭୋଟ ପ୍ରଚାରକୁ ଆସି ବିଧାୟକ ହଟହଟା
- ଦଳୀୟ କନ୍ଦଳ ବିଭାଜନ କରୁଛି ଭୋଟ

ଗାଁର ବିଭିନ୍ନ ସମସ୍ୟା ସମାଧାନ ନେଇ ବର୍ତ୍ତମାନର ବିଧାୟକ ବେହେରା ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିଜୟୀ ପରେ ଗାଁ ଲୋକଙ୍କୁ ଭୁଲିଯିବା, ସମସ୍ୟାର ସମାଧାନ ନ କରିବାରୁ ଅସନ୍ତୋଷ ଓ କ୍ଷୋଭ ବଢ଼ିଛି। ଭୋଟର ଓ ଦଳୀୟ କର୍ମୀ, ସମର୍ଥକଙ୍କ ପ୍ରଶ୍ନବାଣରେ ବିଧାୟକ ହଟହଟା ହେଉଥିବା ବିଭିନ୍ନ ସ୍ଥାନରେ ଲକ୍ଷ୍ୟ କରାଯାଇଛି। ବିଧାୟକଙ୍କ ପ୍ରତି ଥିବା ଅସନ୍ତୋଷ ଓ କ୍ଷୋଭକୁ ଏବେ ଜିଲା ପରିଷଦ, ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ସାମ୍ନା କରୁଛନ୍ତି। ଗଣିଆ ବ୍ଲକର ୮ ନଂ. ଜୋନ୍ ଆଡ଼କଟା, କରଡ଼ାପଡ଼ା, କିଶୋରପ୍ରସାଦ, ଗଣିଆ, ଛାମୁଣ୍ଡିଆ, ବଡ଼ଶିଲିଙ୍ଗା, ବେଲପଡ଼ାପାଟଣା, ରାସଙ୍ଗ ପଞ୍ଚାୟତକୁ ନେଇ ଗଠିତ। ଏଠାରେ ସୁଶାନ୍ତ କୁମାର ନାୟକ (ଭାଜପା), ଚିନ୍ମୟୀ ମହାଳିକ (କଂଗ୍ରେସ), ନରେଶ ବେହେରା (ବିଜେଡି), କୃପାସିନ୍ଧୁ ନାୟକ (ବହୁଜନ ସମାଜ ପାର୍ଟି) ନିର୍ବାଚନ ଲଢୁଛନ୍ତି। ସେହିପରି ଦଶପଲ୍ଲା ବ୍ଲକର ୯ ନଂ. ଜୋନ୍ ବାଣିଗୋଛା, ଚଢ଼େୟାପଲ୍ଲୀ, କଳସଖମଣ, କୁଜାମେଣ୍ଡୀ, କୁଲୁରୁକୁମ୍ପା, ନୂଆଗାଁ ଓ ଦୁଡା ପଞ୍ଚାୟତକୁ ନେଇ ଗଠିତ। ଏଠାରେ ଗୋରେଖ କହଁର (ଭାଜପା), ସୁବାସ ଚନ୍ଦ୍ର ମଳିକ (କଂଗ୍ରେସ), ହରିଶ୍ଚନ୍ଦ୍ର ଜାନୀ (ବିଜେଡି)ରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷେ ଦଶପଲ୍ଲା ବ୍ଲକ ୧୦ ନଂ. ଜୋନ୍‌ରେ ସରିଗଣ୍ଡା, ଶିମିଳିସାହି, ତେଣ୍ଡାବାଡ଼ି, ପୋଖରୀଗୋଛା, ତୁମାଣ୍ଡି, ଟାକେରା ପଞ୍ଚାୟତ ରହିଛି। ଏଠାରେ ସଙ୍ଗୀତା କୁମାରୀ ନାୟକ (ଭାଜପା), ବନିତା ବେହେରା (କଂଗ୍ରେସ), ସତ୍ୟଭାମା ନାୟକ (ବିଜେଡି), ଲକ୍ଷ୍ମୀ ନାୟକ (ବହୁଜନ ସମାଜ ପାର୍ଟି) ଓ ମମତା ପ୍ରଧାନ (ସ୍ୱାଧୀନ) ଲଢ଼େଇ କରୁଛନ୍ତି। ୧୧ ନଂ. ଜୋନ ଘୁଗୁଡିପଡ଼ା, ଘୋଳାହାଣ୍ଡି, ମଧ୍ୟଖଣ୍ଡ, ନଛିପୁର, ଡିହଗାଁ ଓ ଖମାରସାହି ପଞ୍ଚାୟତକୁ ନେଇ ଗଠିତ। ଏଠାରେ ଦେବେନ୍ଦ୍ର କୁମାର ପ୍ରଧାନ (ଭାଜପା), ଅର୍ଜୁନ ପ୍ରଧାନ (କଂଗ୍ରେସ), ବସନ୍ତ କୁମାର ପ୍ରଧାନ (ବିଜେଡି) ଓ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ଶରତ ଚନ୍ଦ୍ର ବେହେରା ମଇଦାନରେ ଅଛନ୍ତି। ପୁଣି ନୂଆଗାଁ ବ୍ଲକର ୧୬ ନଂ. ଜୋନ୍‌ରେ ସନ୍ଧ୍ୟାରାଣୀ ସେଠୀ (ଭାଜପା), ରଜନୀ ଦାସ (କଂଗ୍ରେସ), ଯସ୍ମିନୀ ଦାସ (ବିଜେଡି) ଓ ରୀତା ନାୟକ (ବହୁଜନ ସମାଜ ପାର୍ଟି), ୧୭ ନଂ. ଜୋନରେ ପାର୍ବତୀ ମୁଦୁଲି (ଭାଜପା), କଳ୍ପନା ଚମ୍ପତି (କଂଗ୍ରେସ), ପ୍ରତିମା ଦଳବେହେରା (ବିଜେଡି) ଓ ଲୋପାମୁଦ୍ରା ଦାଶ (ସ୍ୱାଧୀନ) ଭାବେ ନିର୍ବାଚନ ଲଢୁଛନ୍ତି। ଏ ନେଇ ଦଶପଲ୍ଲାର ଭୋଟର ମିନାରାଣୀ ପ୍ରଧାନ କୁହନ୍ତି, ବୃତ୍ତଙ୍ଗ ପୋଲ କରିବାକୁ କୁଜାମେଣ୍ଡି ପଞ୍ଚାୟତର ବଣି, ପ୍ରଧାନପଡ଼ା, ସାନମୁଣ୍ଡୁଳୀ, ଗାଡ଼ିଆପଡ଼ା ଆଦି ୪ଟି ଗାଁ ଲୋକଙ୍କୁ ବିଧାୟକ ଭୋଟ ବେଳେ ପ୍ରତିଶ୍ରୁତି ଦେଇଥିଲେ। ଏଠାରେ ଗାଁ ଲୋକ ଭୋଟ ବର୍ଜନ କରିଥିଲେ। ତେବେ ବିଧାୟକ ହେବାର ୩ ବର୍ଷ ପରେ ମଧ୍ୟ ପୋଲ କରି ନ ଥିଲେ। ଏପରି କି ଗାଁ ଲୋକଙ୍କ ଫୋନ ମଧ୍ୟ ଉଠାଇଲେ ନାହିଁ। ପଞ୍ଚାୟତ ନିର୍ବାଚନ ସମୟରେ ଭୋଟ ମାଗି ଯିବାବେଳେ ଭୋଟର ବିଧାୟକଙ୍କୁ ବିରୋଧ କରୁଛନ୍ତି। ଅନ୍ୟପକ୍ଷେ ଗଣିଆ ବ୍ଲକର କିଶୋରପ୍ରସାଦ ପଞ୍ଚାୟତ ପତଣ୍ଡା ଛକରେ ଶନିବାର ଅପରାହ୍ନରେ ବିଧାୟକଙ୍କୁ ଦଳୀୟ କର୍ମୀ କଳାପତାକା ଦେଖାଇଥିଲେ। ବିଧାୟକ ନିର୍ବାଚନ ଜିତିବା ପରଠାରୁ ଗାଁକୁ ଆସି ନ ଥିବାବେଳେ ଏବେ କାହିଁକି ଭୋଟ ମାଗୁଛ କହି ବିରୋଧ କରିଥିଲେ। ଗଣିଆର ଉମା ପ୍ରଧାନ କୁହନ୍ତି, ଭୋଟ ପୂର୍ବରୁ ଭୋଟର ଟ୍ରେଲର ଦେଖାଇଲେଣି। ଭୋଟରେ ପୁଣି ଏହାର ଜବାବ ଦେବେ ବୋଲି କହିଛନ୍ତି। ନୂଆଗାଁ ବ୍ଲକର ଭୋଟର ପ୍ରଦୀପ ନାୟକ କୁହନ୍ତି, ବ୍ଲକରେ ବିଧାୟକଙ୍କ ବିରୋଧରେ ପ୍ରତିବାଦ ହେଉଛି, ଯାହାକି ବାଲଟ ପେପରରେ ଭୋଟର ସେମାନଙ୍କର ଅସନ୍ତୋଷ ଦେଖାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବିଧାୟକ ରମେଶ ବେହେରାଙ୍କୁ ପଚାରିବାରୁ ସେ କିଛି ନ କହି ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

## ସଂକ୍ଷେପରେ

### ଦାରିଙ୍ଗବାଡ଼ିରେ ସର୍ବନିମ୍ନ ୭ ଡିଗ୍ରୀ
#### ପୁଣି ହ୍ରାସ ପାଇଲା ତାପମାତ୍ରା

**ଦାରିଙ୍ଗବାଡି,୧୩।୨(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ପୁଣି ଶୀତ ଥରେଇଛି। ଗତ କିଛି ଦିନ ହେଲା ତାପମାତ୍ରା ୯ ଡିଗ୍ରୀରୁ ୧୨ଡିଗ୍ରୀ ମଧ୍ୟରେ ରହୁଥିବା ବେଳେ ରବିବାର ଏହା ହ୍ରାସ ପାଇ ୭ଡିଗ୍ରୀକୁ ଖସିଛି। ଫଳରେ ଅସମ୍ଭାଳ ଶୀତ ହେଉଥିବାରୁ ଲୋକ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ସନ୍ଧ୍ୟା ପରଠାରୁ ସକାଳ ୯ଟା ପର୍ଯ୍ୟନ୍ତ ଶୀତ ଥରଉଛି। ଚଳିତ ମାସର ଏହା ସବୁଠାରୁ କମ୍ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ନିର୍ଣ୍ଣାୟକ ହେବ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଓ ଦକ୍ଷତା

**ଦିଗପହଣ୍ଡି,୧୩।୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଭିଷ୍ମଗିରି ପଞ୍ଚାୟତରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ପ୍ରଚାର ଜୋରଦାର ଚାଲିଛି। ଭୀଷ୍ମଗିରି ଗୋଟିଏ ଗାଁର ୧୬ ଟି ୱାର୍ଡ ଏବଂ ୫୮୭୮ ଭୋଟରଙ୍କୁ ନେଇ ଗଠିତ ଏହି ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ୫ ଜଣ ଏବଂ ସମିତି ସଭ୍ୟ ପଦବୀ ପାଇଁ ୪ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସରପଞ୍ଚ ପଦବୀ ପାଇଁ ଅର୍ଚ୍ଚନା କୁମାରୀ ପଣ୍ଡା, କାମିନୀ ଗୌଡ, ଗାୟତ୍ରୀ ବ୍ରହ୍ମା, ମନ୍ଦାକିନୀ ପାଢ଼ୀ, ସୁନୀତା ପଣ୍ଡା ନିର୍ବାଚନ ଲଢୁଥିବା ବେଳେ ସମିତି ସଭ୍ୟ ପଦବୀ ପାଇଁ ଶିବରାମ ମହାନ୍ତି, ଉମା ମହେଶ୍ୱରୀ ସେଠୀ, ଶୁଭେନ୍ଦୁ କୁମାର ପାଢ଼ୀ, ଜି. ରାମବାବୁ ଦୋରା ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପଦବୀ ପାଇଁ ବହୁମୁଖି ପ୍ରତିଦ୍ୱନ୍ଦ୍ୱିତା ହେଉଥିବାରୁ ପ୍ରାର୍ଥୀମାନଙ୍କ ବ୍ୟକ୍ତିତ୍ୱ ଓ ଦକ୍ଷତା ହିଁ ନିର୍ଣ୍ଣାୟକ ହେବ ବୋଲି ସ୍ଥାନୀୟ ଅଞ୍ଚଳର ଭୋଟରମାନେ ମତାମତ ଦେଇଛନ୍ତି। ଏହି ପଞ୍ଚାୟତରେ ବିଜେଡି, ଭାଜପା, କଂଗ୍ରେସ ଏବଂ ସିପିଆଇର ସମର୍ଥକମାନେ ରହିଥିବାରୁ ସେମାନେ ସେମାନଙ୍କ ପ୍ରାର୍ଥୀ ମାନଙ୍କୁ ସାଙ୍ଗରେ ନେଇ ଘର ଘର ବୁଲି ଭୋଟ ହାତେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି।

### ଯୌତୁକ ପାଇଁ ନିର୍ଯାତନା ଅଭିଯୋଗ, ସ୍ୱାମୀ ଗିରଫ

**ଆସିକା,୧୩।୨(ଡି.ଏନ.ଏ.):** ଆସିକା ବସଷ୍ଟାଣ୍ଡ ନିକଟ ବସ୍ତିରେ ଜଣେ ମହିଳାଙ୍କୁ ଯୌତୁକ ଦାବ ପାଇଁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ପ୍ରକାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ରବିବାର ଗିରଫ କରିଛି । ସେ ହେଲେ ଉକ୍ତ ବସ୍ତିର ଜଗା ନାୟକ । ଏ ନେଇ ଆସିକା ଥାନାରେ ନଂ.୮୪/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି । ଗତ ଶୁକ୍ରବାର ଜଗାଙ୍କୁ ସ୍ତ୍ରୀ ରାଣୀ ବାପଘରକୁ ଯିବା ପାଇଁ ଅନୁମତି ମାଗିଥିଲେ। ଜଗା ତାଙ୍କୁ ବାପଘରୁ ଯୌତୁକ ବାବାଦକୁ ବକେୟା ୧୦ ହଜାର ଟଙ୍କା ସୁଧ ସହ ଆଣିଲେ ଯିବ ବୋଲି କହିଥିଲେ । ଯୌତୁକ ବାବଦ ସମସ୍ତ ଟଙ୍କା ପୂର୍ବରୁ ଦିଆଯାଇଛି ବୋଲି ରାଣୀ କହିଥବଲେ। ଏଥିରେ ଉତ୍ୟକ୍ତ ହୋଇ ଜଗା ତାଙ୍କୁ ମାରଧର କରିଥିଲେ। ପୋଲିସରେ ଅଭିଯୋଗ କଲେ ଜୀବନରେ ମାରିଦେବେ ବୋଲି ଜଗା ଧମକ ଦେଇଥିବା ରାଣୀ ଅଭିଯୋଗରେ ଦର୍ଶାଇଥିଲେ।

### କଳାକାର ସଂଘର ଶୋକ ସଭା

**ବ୍ରହ୍ମପୁର ଅଫିସ,୧୩।୨:** ଓଡ଼ିଶା ବରିଷ୍ଠ କଳାକାର ସଂଘ ପକ୍ଷରୁ ରବିବାର ମାନସ ଭବନ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସୁର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କର ଓ ସାଧୁ ଅର୍ଜୁନ ସାହୁଙ୍କ ବିୟୋଗରେ ଏହି ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମାନସ ଭବନ ସଭାପତି ସି.ଏଚ୍. ସନ୍ତୋଷ କୁମାର ସୁବୁଦ୍ଧି ଅଧକ୍ଷତା କରିଥିଲେ। ମାନସ ଭବନ ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ଶିଶିର କୁମାର ପାଢୀ ମୁଖ୍ୟ ଅତିଥି ଓ ବରିଷ୍ଠ କଳାକାର ମହାସଂଘ କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି କୃଷ୍ଣ ଚନ୍ଦ୍ର ମହାଙ୍କୁଡ, ପ୍ରମୋଦ ଚନ୍ଦ୍ର ପାଢୀ, ଭାସ୍କର ପାତ୍ର, ଶଶିଭୂଷଣ ପଟ୍ଟନାୟକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ରାଉତ, ନୀଳାମ୍ବର ସାହୁ, କିଶୋର କପୂର, ଅଭି ରାଉତ, ଶିବରାମ ସାବତ ଓ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**ନୂଆଗାଁ,୧୩।୨ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ମୁଦୁରାଙ୍ଗଠାରେ ରବିବାର ସନ୍ଧ୍ୟାରେ ସଡକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନୂଆଗାଁର ବ୍ରଜ ମୋହନ ପ୍ରଧାନ (୬୪)। ଥାନା ଅନ୍ତର୍ଗତ ମୁଦୁରାଙ୍ଗ ଛକ ନିକଟରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ. ଜାତୀୟ ରାଜପଥରେ ଟ୍ରକ ସହ ସ୍କୁଟିର ଧକ୍କା ହୋଇଥିଲା। ଫଳରେ ସ୍କୁଟି ଚାଳକ ପ୍ରଧାନ ରାସ୍ତାରେ ଛିଟିକି ପଡି ଗୁରୁତର ହୋଇଥିଲେ। ଖବର ପାଇ ନୂଆଗାଁ ଦମକଳ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ପ୍ରଧାନଙ୍କୁ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ଗାଡିକୁ ଜବତ କରିଛି।

## ଅଧିକାରୀଙ୍କ ବାଲଟ ପେପର ସର୍ଟିଙ୍ଗ

**ଆର.ଉଦୟଗିରି,୧୩।୨(ଡି.ଏନ.ଏ.)**

ଗଜପତି ଜିଲା ପ୍ରକଳ୍ପ ଅଧିକାରୀ ତଥା ମୋହନା ବ୍ଲକ ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ଅନାମ ଚରଣ ପାତ୍ର ମୋହନା ଗସ୍ତରେ ଆସି ସରକାରୀ ଉଚ୍ଚ ବିଦ୍ୟାଳୟରେ ନିର୍ମିତ ହେଇଥିବା ସ୍ୱତନ୍ତ୍ର ଭୋଟ ଗଣତି କୋଠରିରେ ବାଲଟ ପେପର ସର୍ଟିଙ୍ଗ ଉପରେ ବୁଝାଇଥିଲେ। ବାଲଟ ପେପର ସର୍ଟିଙ୍ଗ କରିବା ସହିତ ଗଣତି ଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ପ୍ରତ୍ୟେକ ବୁଥ୍‌ର ଭୋଟର ସଂଖ୍ୟାଠାରୁ ୧୦ ଶତକଡା ଅଧିକା ବାଲଟ ପେପରକୁ ବିଡା ବାନ୍ଧି ବ୍ଲକର ୫୩୫ଟି ବୁଥ୍ ପାଇଁ ପ୍ରସ୍ତୁତ କରି ରଖାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ତପସ୍ୱିନୀ ହାଁସଦା, ସହକାରୀ ଯନ୍ତ୍ରୀ ଜଗବନ୍ଧୁ ଆଚାର୍ଯ୍ୟ,ସେକ୍ସନ ଅଧିକାରୀ ବେଣୁଧର ଚଣ୍ଡଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


ଖଣ୍ଡପଡ଼ା ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିରରେ ଥିବା ମା' କାଳୀଙ୍କ ପୀଠରେ ଭାଗବତ ସପ୍ତାଙ୍ଗ ପାଇଁ ମହିଳାପୁରୁଷଙ୍କ କଳସ ଶୋଭାଯାତ୍ରା।

## ମା' କାଳୀଙ୍କ ପୀଠରେ ଭାଗବତ ସପ୍ତାଙ୍ଗ

**ଖଣ୍ଡପଡା,୧୩।୨(ସ୍ୱ.ପ୍ର)**

ଖଣ୍ଡପଡ଼ା ସହରର ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପରିସରସ୍ଥିତ ମା' ବେଢ଼ାକାଳୀଙ୍କ ପୀଠରେ ଭାଗବତ ସପ୍ତାଙ୍ଗ କାର୍ଯ୍ୟକ୍ରମ ଚାଲୁରହିଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମହିଳା ପୁରୁଷମାନେ ନିକଟସ୍ଥ କୁସୁମୀ ନଦୀଘାଟରୁ କଳସରେ ପାଣିଆଣି ମନ୍ଦିରସ୍ଥିତ ଯଜ୍ଞବେଦିରେ ସ୍ଥାପନ କରିଥିଲେ। ଯଜ୍ଞ, ଭାଗବତ ପଠନ ଆଦି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଉତ୍ସବ ଆସନ୍ତା ବୁଧବାର ଅପରାହ୍ନରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ଦିବାରାତ୍ର ଭଲି ଟୁର୍ନାମେଣ୍ଟ: ସେମିଫାଇନାଲରେ ଫତେଗଡ଼

**ଖଣ୍ଡପଡ଼ା,୧୩।୨(ସ୍ୱ.ପ୍ର.)**

ଶ୍ରୀନୀଳମାଧବ ସ୍ପୋର୍ଟିଂ କ୍ଲବ କଣ୍ଟିଲୋ ଆନୁକୂଲ୍ୟରେ ରବିବାର ଗାନ୍ଧୀପାର୍କଠାରେ ଦିବାରାତ୍ର ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରଞ୍ଜିତା ସାହୁ ମୁଖ୍ୟଅତିଥି ଓ ମାଧବ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟିତ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଦିବାରାତ୍ର ଟୁର୍ନାମେଣ୍ଟରେ ୮ଟି ଦଳ ଭାଗ ନେଇଛନ୍ତି। ସନ୍ଧ୍ୟା ସୁଦ୍ଧା ବନମାଳୀପୁର ୨-୧ ସେଟ୍‌ରେ ଭଟାରିକା ଭଲି ଟିମ୍‌କୁ ହରାଇ ବିଜୟୀ ହୋଇଥିବାବେଳେ ବିଜୟନଗର ଟିମ୍ ସହ ଫତେଗଡ଼ ଭଲି କ୍ଲବର ମୁକାବିଲା ହୋଇଥିଲା। ଏହି ମ୍ୟାଚ୍‌ରେ ଫତେଗଡ଼ ଟିମ୍ ୨-୦ ସେଟ୍‌ରେ ବିଜୟନଗରକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ରାଜେଶ ମହାରଣା, ଅଶ୍ୱିନୀ କୁମାର ସାହୁ, ସନ୍ତୋଷ କୁମାର ସାହୁ ଖେଳ ପରିଚାଳନା କରିଥିଲେ। ଲାଇନ୍‌ସରେ ରାଜୁ ଓ ଶିବ ସୁନ୍ଦର ଚିନ୍ନରା, ଅର୍ମାନ କୁମାର ମହାରଣା ପ୍ରମୁଖ ସହଯୋଗ କରିଥିଲେ। ପବିତ୍ର କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ସିଧାମୂଳା : ଶାସକ-ବିରୋଧୀ କଡ଼ା ମୁକାବିଲା

**ଖଣ୍ଡପଡ଼ା,୧୩।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକର ସିଧାମୂଳା ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥିନୀ, ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେଉଥିବା ଜଣାପଡ଼ିଛି। ସରପଞ୍ଚ ଓ ସମିତିସଭ୍ୟ ପଦବୀ ଅସଂରକ୍ଷିତ ରହିଥିବାରୁ ସରପଞ୍ଚ ପଦବୀ ନିମନ୍ତେ ସ୍ନେହଲତା ସାହୁ, ପ୍ରଭାତି କୁମାରୀ ବାରିକ ଓ ଗୀତାଞ୍ଜଳି ଜେନା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ସମିତିସଭ୍ୟ ପଦବୀ ପାଇଁ ଶିକ୍ଷାବିତ୍ ବିରୂପାକ୍ଷ ମିଶ୍ର, ମହେଶ୍ୱର ରାଉତ, ତ୍ରିନାଥ ନାୟକ, ବିକାଶ କୁମାର ନାୟକ, ସାନୁଜ ନାୟକ ପ୍ରମୁଖ ନିର୍ବାଚନ ଲଢୁଛନ୍ତି। ହେଲେ ସ୍ନେହଲତା ଓ ଗୀତାଞ୍ଜଳିଙ୍କ ନାମ ଚର୍ଚ୍ଚାରେ ରହିଛି। ଶିକ୍ଷାବିତ୍ ବିରୂପାକ୍ଷ ଓ ମହେଶ୍ୱରଙ୍କ ମଧ୍ୟରେ ସମିତିସଭ୍ୟ ପଦବୀ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ରଙ୍କ ଗୋଷ୍ଠୀ ଶାସକ ଦଳ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟଙ୍କ ପାଇଁ ଅଣ୍ଟାଭିଡି ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛି। ଅପରପକ୍ଷେ ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ଦଳେଇ, ଟିଟନ ସାହୁ, ନିରଞ୍ଜନ ପଣ୍ଡାଙ୍କ ସମେତ ବିଜେଡିର ଅସନ୍ତୁଷ୍ଟ ନେତା, ଛାମୁଆ ସଙ୍ଗଠକମାନେ ସରପଞ୍ଚ ପ୍ରାର୍ଥିନୀ ସ୍ନେହଲତା ଓ ସମିତିସଭ୍ୟ ପ୍ରାର୍ଥୀ ବିରୂପାକ୍ଷଙ୍କ ପାଇଁ ପ୍ରଚାର ଚଳାଇଛନ୍ତି। ଶାସକ ଦଳର କାର୍ଯ୍ୟକାଳ ସମୟରେ ସିଧାମୂଳା ପଞ୍ଚାୟତରେ ସେଭଳି କୌଣସି ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ଥିବା ଦର୍ଶାଇ ବିରୋଧୀମାନେ ପ୍ରଚାରପତ୍ର ବାଣ୍ଟୁଛନ୍ତି। ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ଯୋଗ୍ୟତା ଓ ଦକ୍ଷତା ଥିବା ପ୍ରାର୍ଥିନୀ, ପ୍ରାର୍ଥୀଙ୍କୁ ଭୋଟ ଦେଇ ନିର୍ବାଚିତ କରିବୁ ବୋଲି ବହୁ ପୁରୁଖା ଲୋକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟଠାରୁ ସୂଚନା ମିଳିଛି।

## ବହୁଭାଷୀ ଦେଶ ପାଇଁ ଅନୁବାଦ ଆବଶ୍ୟକ

### ଜାତୀୟ କବି ସମ୍ମିଳନୀ

**ନୟାଗଡ଼ ଅଫିସ,୧୩।୨**

ଭାରତୀୟ ଅନୁବାଦ ସାହିତ୍ୟ ସଙ୍ଗଠନ ଆନୁକୂଲ୍ୟରେ ଅନ୍‌ଲାଇନ୍ ମାଧ୍ୟମରେ ଜାତୀୟ କବି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ଅଞ୍ଚଳର କବିମାନେ ଏଥିରେ ଅଂଶଗ୍ରହଣ କରି ହିନ୍ଦୀ, ସଂସ୍କୃତ, ଓଡ଼ିଆ, ଇଂଲିଶ ତଥା ବଙ୍ଗଳା ଭାଷାରେ ଅନ୍ୟ ଭାରତୀୟ ଭାଷାର ଅନୂଦିତ କବିତା ସହ ମୌଳିକ କବିତା ପାଠ କରିଥିଲେ। ଏଥିରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଅନୁବାଦକ ବିଜୟ କୁମାର ପ୍ରଧାନ ଅଧକ୍ଷତା କରି ଅନୁବାଦ ଏକ ସର୍ଜନାତ୍ମକ କାର୍ଯ୍ୟ ବୋଲି କହିଥିଲେ। ତେବେ ଏହାକୁ ଅନୁବାଦକ ନିଜର ବିଶିଷ୍ଟ ଜ୍ଞାନ, ଅନୁଭବ, ସାମର୍ଥ୍ୟ ଏବଂ କଳାତ୍ମକ କୌଶଳ ଦ୍ୱାରା ଲାଳିତ୍ୟପୂର୍ଣ୍ଣ ତଥା ପ୍ରଭାବଶାଳୀ କରିଥାଏ। ବିଶେଷ ଭାବେ ବହୁଭାଷୀ ଦେଶ ପାଇଁ ଅନୁବାଦର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଭାରତୀୟ ଅନୁବାଦ ସାହିତ୍ୟ ଭାରତବର୍ଷର ଅନୁବାଦକଙ୍କୁ ଯୋଡ଼ିବା ସହ ଏହାର ବ୍ୟାପକତା ଦିଗରେ ଯତ୍ନଶୀଳ ହେବା ଉପରେ ଅନୁଷ୍ଠାନର ପ୍ରମୁଖ ମାର୍ଗଦର୍ଶକ ତଥା ହିନ୍ଦୀ-ଓଡ଼ିଆ ସାହିତ୍ୟର ଅନୁବାଦକ ରାଧୁ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ଅନୁବାଦ ସାହିତ୍ୟର ଆବାହକ ଭାବେ ସାହିତ୍ୟିକ ଓ ଅନୁବାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ହିନ୍ଦୀ ଭାଷା ସାହିତ୍ୟର କବି ଜୟଶ୍ରୀ ଦୋରାଙ୍କ ସହ କବି ଓ ଆକାଶବାଣୀର ଉଦ୍‌ଘୋଷିକା ମିତା ପଟ୍ଟନାୟକଙ୍କ ସଂଯୋଜନାରେ ବିଭିନ୍ନ ଭାଷାଭାଷୀ କବିମାନେ ଅନୂଦିତ ତଥା ମୌଳିକ କବିତା ପାଠ କରିଥିଲେ। ପ୍ରମୁଖ ବରିଷ୍ଠ ସାହିତ୍ୟିକମାନଙ୍କ ମଧ୍ୟରେ ଡ. ରାଜେନ୍ଦ୍ର ପାଢ଼ୀ, ଦୀନେଶ ମାଳି, ଡ. କୃଷ୍ଣକେଶବ ଷଡ଼ଙ୍ଗୀ, କନକମଞ୍ଜରୀ ସାହୁ, ଇପ୍ସିତା ଷଡ଼ଙ୍ଗୀ, ମଞ୍ଜୁଳା ଆସ୍ଥାନା ମହାନ୍ତି, ସୁଜାତା ପାଲ, ସନାତନ ମହାକୁଡ଼, ଚନ୍ଦ୍ରମା ମହାପାତ୍ର, ହରେକୃଷ୍ଣ ଦାସ, ପ୍ରିୟଦର୍ଶୀ ଚନ୍ଦନ, ଶୁଭ ନାରାୟଣ ସ୍ୱାଇଁ, ଡ. ସଙ୍ଗୀତା ରଥ, ତ୍ରିନାଥ ସିଂଙ୍କ ସହ ଯୁବକବି ଅନନ୍ୟା ଦାଶ, ଶ୍ରଦ୍ଧାଞ୍ଜଳି ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀରେ ଯୁବ କବି ଓ ଅନୁବାଦକ ଭାବେ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ଅଗ୍ନିବେଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଭିସି ମଧ୍ୟରେ ଅନୁଷ୍ଠିତ ଜାତୀୟ କବି ସମ୍ମିଳନୀରେ ସାମିଲ ହୋଇଥିବା କବିମାନେ।

## ହାଇସ୍କୁଲ ଶିକ୍ଷୟିତ୍ରୀଙ୍କ ପରଲୋକ

**ଭଞ୍ଜନଗର,୧୩।୨(ଡି.ଏନ.ଏ):** ଭଞ୍ଜନଗର ବ୍ଲକ ଲାଲସିଂ କାହ୍ନୁରାଉତ ହାଇସ୍କୁଲର ଇଂଲିଶ ଶିକ୍ଷୟିତ୍ରୀ ଶାନ୍ତିଲତା ମିଶ୍ରଙ୍କ ଶନିବାର ଲଣ୍ଡେଇସାହିସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିମାସ ହେବ ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ବିଦ୍ୟାଳୟରେ ଶୋକସଭା ହୋଇଥିଲା । ପ୍ରଧାନ ଶିକ୍ଷକ ଧ୍ରୁବ ମହାରଣା, ଶିକ୍ଷକ ସଞ୍ଜୟ କୋଠିଆ, ତ୍ରିନାଥ ପଟ୍ଟନାୟକ, ବୁଦ୍ଧ ନାଇକ, ଏ.ମନୋଜ କୁମାର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ଶ୍ରମିକ ଯୋଗାଣ ନିମନ୍ତେ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ନୋଟ୍ ବାକ୍ସ, ମୁଦ୍ରା ବ୍ୟାଗ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ପରିଚାଳନା ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟ ନିମନ୍ତେ ଶ୍ରମିକ ଉପଲବ୍ଧ କରାଇବା ପାଇଁ ଯୋଗ୍ୟ ଠିକାଦାରଙ୍କଠାରୁ ଦୁଇ ବିଡ୍ (ବୈଷୟିକ ଓ ମୂଲ୍ୟ) ପ୍ରଣାଳୀରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଅଛି ।
୨. ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଅନ୍ୟ ଆବଶ୍ୟକ ସୂଚନା ବ୍ୟାଙ୍କର ୱେବ୍‌ସାଇଟ https://www.rbi.org.inରେ ଉପଲବ୍ଧ ଅଛି । ଅଧିକ ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛୁକ ଠିକାଦାରମାନେ ନିର୍ଗମ ବିଭାଗ, ଭୁବନେଶ୍ୱରକୁ ଯୋଗାଯୋଗ କରିପାରନ୍ତି । M/s MSTC Ltd.ର e-tendering portal https://www.mstcecommerce.com/eprochome/rbi ରେ ଟେଣ୍ଡର ଆବେଦନର ଶେଷ ତାରିଖ ୧୮।୦୩।୨୦୨୨ ଅପରାହ୍ନ ୦୨.୩୦ ଘଟିକା ପର୍ଯ୍ୟନ୍ତ ରହିବ ।

 କ୍ଷେତ୍ରୀୟ ନିର୍ଦ୍ଦେଶକ

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ନିର୍ଗମ ବିଭାଗ, ଭୁବନେଶ୍ୱର**

**ନୋଟ୍ ବାକ୍ସ ଏବଂ ମୁଦ୍ରା ବ୍ୟାଗଗୁଡ଼ିକର ପରିବହନ ନିମନ୍ତେ ଯାନ ଯୋଗାଣ ପାଇଁ ଇ- ଟେଣ୍ଡର ଆମନ୍ତ୍ରଣ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସଡ଼କ ପଥରେ ଓଡ଼ିଶାରେ ନୋଟ୍ ବାକ୍ସ ଓ ମୁଦ୍ରା ବ୍ୟାଗ ପରିବହନ ନିମନ୍ତେ ଯାନ ଉପଲବ୍ଧ କରାଇବା ପାଇଁ ଯୋଗ୍ୟ ଠିକାଦାରଙ୍କଠାରୁ ଦୁଇ ବିଡ୍ (ବୈଷୟିକ ଓ ମୂଲ୍ୟ) ପ୍ରଣାଳୀରେ ଇ-ଟେଣ୍ଡର ଆମନ୍ତ୍ରଣ କରୁଅଛି ।
୨. ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଅନ୍ୟ ଆବଶ୍ୟକ ସୂଚନା ବ୍ୟାଙ୍କର ୱେବ୍‌ସାଇଟ https://www.rbi.org.inରେ ଉପଲବ୍ଧ ଅଛି । ଅଧିକ ସ୍ପଷ୍ଟୀକରଣ ନିମନ୍ତେ ଇଚ୍ଛୁକ ଠିକାଦାରମାନେ ନିର୍ଗମ ବିଭାଗ, ଭୁବନେଶ୍ୱରକୁ ଯୋଗାଯୋଗ କରିପାରନ୍ତି । M/s MSTC Ltd.ର e-tendering portal https://www.mstcecommerce.com/eprochome/rbi ରେ ଟେଣ୍ଡର ଆବେଦନର ଶେଷ ତାରିଖ ୧୮।୦୩।୨୦୨୨ ଅପରାହ୍ନ ୦୨.୩୦ ଘଟିକା ପର୍ଯ୍ୟନ୍ତ ରହିବ ।

କ୍ଷେତ୍ରୀୟ ନିର୍ଦ୍ଦେଶକ

# ୬ ଜିଲା ପରିଷଦ ଜୋନ୍‌ରେ ଭାଜପା–ବିଜେଡି ଲଢ଼େଇ

ବ୍ରହ୍ମପୁର ଅଫିସ, ୧୩।୨



- ଚିକିଟି ବିଧାନସଭା କ୍ଷେତ୍ର
- ପଞ୍ଚାୟତ ନିର୍ବାଚନରେ ତେଲୁଗୁ ଭୋଟର ନିର୍ଣ୍ଣାୟକ
- ନାମକୁ ମାତ୍ର ମଇଦାନରେ କଂଗ୍ରେସ

ବ୍ରହ୍ମପୁର ସବଡିଭିଜନ ଅନ୍ତର୍ଗତ ଚିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ରହିଛି ପାତ୍ରପୁର ଓ ଚିକିଟି ବ୍ଲକ। ଏହି ୨ ବ୍ଲକରେ ୬ ଜିଲା ପରିଷଦ ଜୋନ ରହିଛି। ଆସନ୍ତା ୧୮ ତାରିଖରେ ଚିକିଟି ଏବଂ ୨୦ ତାରିଖରେ ପାତ୍ରପୁରରେ ମତଦାନ ହେବ। ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରଚାରରେ ତତ୍ପରତା ପ୍ରକାଶ ପାଇଛି। ପାତ୍ରପୁର ବ୍ଲକର ୩୩ନଂ ଜୋନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ହୋଇଥିବାରୁ ବିଜେଡି ଓ ଭାଜପା ସହ ସିପିଏମ ପକ୍ଷରୁ ଜଣେ ଆଦିବାସୀ ପ୍ରାର୍ଥୀ ହୋଇଛନ୍ତି। ୩ ଜୋନରେ ୧୦ ଜଣ ମଇଦାନରେ ଅଛନ୍ତି। ପାତ୍ରପୁର ବ୍ଲକର ୨୩ ପଞ୍ଚାୟତରେ ଭୋଟ ଲଢ଼େଇ ଜୋରଦାର ହେଉଛି। ଶଙ୍ଖକୁ ପଦ୍ମ କଡ଼ା ମୁକାବିଲା କରୁଛି। ଗଞ୍ଜାମ ଜିଲାର ଅନ୍ୟ ସ୍ଥାନ ଭଳି ପାତ୍ରପୁରରେ ମଧ୍ୟ କଂଗ୍ରେସ କେବଳ ନାମକୁ ମାତ୍ର ମଇଦାନକୁ ଓହ୍ଲାଇଛି।

ଆନ୍ଧ୍ର ସୀମାନ୍ତରେ ଥିବା ପାତ୍ରପୁର ବ୍ଲକରେ ସଂଖ୍ୟାଧିକ ତେଲୁଗୁ ଭୋଟର ଅଛନ୍ତି। ମୁଖ୍ୟତଃ ବି.ନୂଆଗାଁ, ସାମନ୍ତିଆପଲ୍ଲୀ, ଜୟନ୍ତୀପୁର, ବରଙ୍ଗ ଓ ଗୁଡ଼ିପଦରରେ ଭାଜପା ଅଧିକ ପ୍ରଭାବ ବିସ୍ତାର କରିଛି। ଅବଶିଷ୍ଟ ୧୮ ପଞ୍ଚାୟତରେ ଶଙ୍ଖ–ପଦ୍ମ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଲଢ଼େଇ ହେଉଥିବା ବିଭିନ୍ନ ସୂତ୍ରରୁ ଖବର ମିଳିଛି। ପକେଟ ଭୋଟକୁ ସୁରକ୍ଷିତ ପାଇଁ ସିପିଏମ ଲଢ଼େଇ କରୁଛି। ସେହିପରି ଚିକିଟି ବ୍ଲକର ୧୭ ପଞ୍ଚାୟତରେ ମଧ୍ୟ ଭାଜପା ଓ ବିଜେଡି ମଧ୍ୟରେ ମୁହାଁମୁହିଁ ସ୍ଥିତି ରହିଛି। ଏହି ବ୍ଲକର ୧୬ନଂ ଜୋନ ପାଇଁ କଂଗ୍ରେସକୁ ପ୍ରାର୍ଥୀ ନ ମିଳିବା ରାଜନୈତିକ ଚର୍ଚ୍ଚାର ବିଷୟ ପାଲଟିଛି। ୧୭ ଓ ୧୮ନଂ ଜୋନରେ ମୁଖ୍ୟତଃ କଂଗ୍ରେସ, ଭାଜପା ଓ ବିଜେଡିର ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହି ବ୍ଲକରେ ମଧ୍ୟ ଅନେକ ଗ୍ରାମରେ ତେଲୁଗୁ ଭାଷାଭାଷି ଅଛନ୍ତି। ସୁରଳ, ସୁନାପୁର ଆଦି ମତ୍ସ୍ୟଜୀବୀ ବହୁଳ ଗ୍ରାମ ଚିକିଟି ବ୍ଲକ ଅନ୍ତର୍ଭୁକ୍ତ।

ଚିକିଟି ବିଧାନସଭା କ୍ଷେତ୍ରରେ ଚଳିତ ପଞ୍ଚାୟତ ନିର୍ବାଚନରେ ତେଲୁଗୁ ଭୋଟର ନିର୍ଣ୍ଣାୟକ ହେବେ ବୋଲି ରାଜନୈତିକ ସମୀକ୍ଷକ ପ୍ରାକ୍ ଆକଳନ କରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କାରଣରୁ ଏବଂ ସଂରକ୍ଷଣକୁ କେନ୍ଦ୍ର କରି ଶାସକ ବିଜେଡିରେ ଆରମ୍ଭରୁ ଅସନ୍ତୋଷ ଓ ବିଦ୍ରୋହ ଦେଖାଦେଇଛି। ଭାଜପା ଏହାର ଫାଇଦା ନେବାକୁ ପ୍ରୟାସ କରୁଥିଲେ ମଧ୍ୟ କେତେ ସଫଳ ହେବ ସେ ନେଇ ଚର୍ଚ୍ଚା ହେଉଛି। ସମଗ୍ର ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟିକା ଓ ଭାଜପାର ବିଧାୟକ ପ୍ରାର୍ଥୀ ପ୍ରଚାର ମଇଦାନରେ ମଙ୍ଗ ଧରିଛନ୍ତି। ସୂଚନାଯୋଗ୍ୟ ଦୀର୍ଘ ବର୍ଷରୁ ନିର୍ବାଚନ ମଣ୍ଡଳୀରେ ମୁଖ୍ୟତଃ କଂଗ୍ରେସ ଏବଂ ବିଜେଡି ମଧ୍ୟରେ ଦମଦାର ଲଢ଼େଇ ହେଉଥିଲା। ୨୦୧୯ ସାଧାରଣ ନିର୍ବାଚନ ବେଳେ ଭାଜପା ଦ୍ୱିତୀୟ ସ୍ଥାନକୁ ଉଠିବାରୁ କଂଗ୍ରେସ ତଳିତଳାନ୍ତ ହୋଇଯାଇଛି। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କ ଅମାନତ ନ ରହିବା ଇତିହାସ ସୃଷ୍ଟି କରିଛି। ପୁରୁଣା କଂଗ୍ରେସ ନେତାଙ୍କ ପରିବାରରେ ରାଜନୈତିକ ବିବାଦ ଘନୀଭୂତ ହୋଇଛି। ପଞ୍ଚାୟତ ନିର୍ବାଚନରେ ଜଣେ ଭାଇ ଭାଜପାର ମଙ୍ଗୁଆଳ ସାଜିଥିବା ବେଳେ ଆଉ ଜଣେ ତୁରୁବୁଡ଼ି ଓ ନୂଆଗଡ଼ ଅଞ୍ଚଳରେ କଂଗ୍ରେସ ନେତା ସାଜିଛନ୍ତି। କଂଗ୍ରେସ ସପରିବାର ବିଭାଜିତର ବିଜେଡି ସୁଯୋଗ ନେଉଛି। ଏବେ ରାଜନୀତି ସ୍ଥିତି ବଦଳିବାରେ ଲାଗିଛି। ଆଦିବାସୀ ବହୁଳ ପଞ୍ଚାୟତମାନଙ୍କରେ ପାହାଡ଼ ଉପରେ ପଦ୍ମ ଫୁଟିବାରେ ଲାଗିଛି। ତେଣୁ ୬ ଜିଲା ପରିଷଦ ଜୋନରେ ଭୋଟ ଫଳାଫଳକୁ ବିଭିନ୍ନ ମହଲରୁ ନଜର ରଖାଯାଇଛି।

## ସଂକ୍ଷେପରେ

### ବିଦ୍ୟାଳୟ ଯିବାକୁ କହିବାରୁ ବିଷ ପିଇ ଛାତ୍ରୀଙ୍କ ଆତ୍ମହତ୍ୟା

**ମାଲକାନଗିରି, ୧୩।୨ (ଡି.ଏନ.ଏ.):** ମାଲକାନଗିରି ଜିଲା ସଦର ମହକୁମା ସିନ୍ଧ୍ରିମାଳ ପଞ୍ଚାୟତ ଭିମାରାଙ୍ଗିଣୀ ଗ୍ରାମର ଜଣେ ନବମ ଶ୍ରେଣୀର ଛାତ୍ରୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ଶୁକ୍ରବାର ତାଙ୍କୁ ସ୍କୁଲ ଯିବାକୁ କହିବାରୁ ସେ ସ୍କୁଲ ଯିବାକୁ ମନା କରି ରାତିରେ ବିଷ ପିଇ ଦେଇଥିଲେ। ସେ ହେଉଛନ୍ତି ଗ୍ରାମର ମନିନ୍ଦ୍ର ରାୟଙ୍କ ଝିଅ ଅନା ରାୟ। ଅନା ସତୀଗୁଡା ବାଳିକା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗତ ଦୁଇବର୍ଷ ଧରି କୋଭିଡ୍ କଟକଣା ହେତୁ ବିଦ୍ୟାଳୟ ବନ୍ଦ ଥିବାରୁ ସେ ଘରେ ରହୁଥିଲେ। ତେବେ ସରକାର ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲିବା ପରେ ପରିବାର ଲୋକେ ତାଙ୍କୁ ବିଦ୍ୟାଳୟ ଯିବାକୁ କହିଥିଲେ। ଏଥିରେ ଅନା ରାଜି ହୋଇ ନ ଥିଲେ। ଶୁକ୍ରବାର ରାତିରେ ସେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ଅନିଲ୍ କୁମାର ମିଶ୍ର କହିଛନ୍ତି।

### ୩ କି.ମି. ଖଟିଆରେ ବୁହା ହେଲେ ଗର୍ଭବତୀ

**ସଜନାଗଡ, ୧୩।୨ (ଡି.ଏନ.ଏ.):** ଦୁର୍ଗମ ରାସ୍ତା ଯୋଗୁ ଜରୁରୀ ସମୟରେ ରୋଗୀମାନେ ଡାକ୍ତରଖାନାରେ ପହଞ୍ଚି ନ ପାରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଗର୍ଭବତୀମାନେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସିଆଡିମାଳ ପଞ୍ଚାୟତ ବାଙ୍କୀଶୋଳ ଗ୍ରାମରେ। ଗ୍ରାମର ତୁଫାନ ସିଂଙ୍କ ସ୍ତ୍ରୀ ବାସନ୍ତୀ ଦୁଇଦିନ ତଳେ ନିଜ ବାପଘର ସାନ୍ଧୁରିୟା ଗ୍ରାମକୁ ଆସିଥିଲେ। ରବିବାର ସନ୍ଧ୍ୟାରେ ତାଙ୍କର ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗର୍ଭଯନ୍ତ୍ରଣା ବଢ଼ିବା ସହିତ ଛଟପଟ ହେବାରୁ ପରିବାର ଓ ଗାଁ ଲୋକେ ତାଙ୍କୁ ମେଡିକାଲ ଆଣିବାକୁ ଏକ ଅଟୋକୁ ଡାକିଥିଲେ। କିନ୍ତୁ ରାସ୍ତା ପାହାଡିଆ ଓ ଶୋଚନୀୟ ହୋଇଥିବାରୁ ବୁଗାଳିବନ୍ଧଠାରେ ଅଟୋ ଅଟକିଯାଇଥିଲା। ଗାଁରୁ ୩ କି.ମି. ପାହାଡିଆ ରାସ୍ତା ପାର୍ କରି ଖଟିଆରେ ବୋହିଆଣି ବୁଗାଳିବନ୍ଧ ପହଞ୍ଚାଇଥିଲେ। ପରେ ଅଟୋରେ ଆଣି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଗର୍ଭବତୀଙ୍କ ଅବସ୍ଥା ଶୋଚନୀୟ ହୋଇଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରିଛନ୍ତି।

### ୩ ଜଣଙ୍କ ନାମରେ ମାମଲା ରୁଜୁ

#### କଂଗ୍ରେସର ପ୍ରଚାର ଗାଡ଼ି ଭାଙ୍ଗିବା ଘଟଣା

**ପାପଡାହାଣ୍ଡି, ୧୩।୨ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜିଲା ପରିଷଦ ଜୋନ୍-୨ ପ୍ରାର୍ଥୀ ଡାକ୍ତର ଲିପିକା ମାଝିଙ୍କ ପ୍ରଚାର ଗାଡିକୁ ଶନିବାର ଢେଲା ପଥର ମାରିବା ଘଟଣାରେ ପୋଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଲେ ଶରତ ବେନିଆ, ବାବୁନା ବେନିଆ ଓ ଭାସ୍କର ବିଷୋୟୀ। ସୂଚନାନୁଯାୟୀ, ଲିପିକାଙ୍କ ପ୍ରଚାର ଗାଡି ଚନ୍ଦ୍ରପୁର ପଞ୍ଚାୟତରେ ପ୍ରଚାର କରି ଘୁସରାବେଢା ରାସ୍ତାରେ ଯିବା ସମୟରେ ଗାଡିକୁ ଭଙ୍ଗା ରୁଜା କରାଯାଇଥିଲା। ଏ ନେଇ ଜିଲା ପରିଷଦ ଜୋନ୍ ୨ ପ୍ରାର୍ଥୀ ଲିପିକା ପାପଡାହାଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ କେସ ନମ୍ବର ୨୪/୨୨ରେ ମାମଲା ରୁଜୁ କରିଛି। ଏସ୍ଆଇ ଶିବାଜୀ ପଣ୍ଡା ଏହାର ତଦନ୍ତ କରୁଛନ୍ତି।

### ସଲପ ତାଡ଼ି ଚାଲାଣବେଳେ ଜଣେ ଗିରଫ

**ପାପଡାହାଣ୍ଡି, ୧୩।୨ (ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁର ହାଟପଦା ରାସ୍ତାରେ ବାଇକରେ ସଲପ ତାଡ଼ି ଚାଲାଣବେଳେ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବରୁଣ ଗୁପ୍ତା। ନବରଙ୍ଗପୁର ଜିଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ଇନ୍ସପେକ୍ଟର ସୁଧୀର କୁମାର ସାହୁ ଓ ପାପଡାହାଣ୍ଡି ଓଆଇସି ଅମୀୟ ଖଞ୍ଜ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ବାଇକ(ଓଡି-୨୪ଇ-୦୬୫୬)ରେ ଅଭିଯୁକ୍ତ ବରୁଣ ସଲପ ତାଡି ନେଇ ଯାଉଥିବାବେଳେ ଧରାପଡିଥିଲେ। ତାଙ୍କଠାରୁ ୩୬ଲିଟର ସଲପ ତାଡ଼ି ଜବତ କରାଯାଇଛି। ପାପଡାହାଣ୍ଡି ଅବକାରୀ କାର୍ଯ୍ୟାଳୟକୁ ତାଙ୍କୁ ଅଣାଯାଇଥିଲା। ପରେ ନୋଟିସ ଦେଇ ଅଭିଯୁକ୍ତଙ୍କୁ ଛଡା ଯାଇଛି। ଚଢ଼ାଉ ବେଳେ ରଞ୍ଜି ଯାନୀ, ଗୋତୁଲ ନାୟକ, ସୋନୁ ସେଠିଆ ଓ ସଦାଶିବ ଭତରା ପ୍ରମୁଖ କର୍ମଚାରୀ ସାମିଲ ଥିଲେ।

## ୧୯୬ କେଜି ଗଞ୍ଜେଇ ଜବତ, ଚାଲାଣକାରୀ ଚମ୍ପଟ

ଗୋପାଳପୁର, ୧୩।୨ (ଡି.ଏନ.ଏ.)

୧୬ନଂ ଜାତୀୟ ରାଜପଥ ହରିପୁର ଛକ ନିକଟରେ ଗୋଳନ୍ଥରା ଥାନା ପୋଲିସ ରବିବାର ୧୯୬ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଥିବା ବେଳେ ଚାଲାଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଛନ୍ତି। ଏକ ଇନୋଭା (ନଂ ଏମଏଚ୍ ୧୪ବିଏକ୍ସ୍ୱ୪୭୩୧) ଯୋଗେ ଗଞ୍ଜେଇ ବ୍ରହ୍ମପୁରରୁ ଆନ୍ଧ୍ରକୁ ଯାଉଥିବା ବେଳେ ହରିପୁର ଛକ ନିକଟରେ କାରଟି ଭାରସାମ୍ୟ ହରାଇ ଡିଭାଇଡରକୁ ପିଟି ହୋଇଯାଇଥିଲା। ପଛପଟୁ ଆସୁଥିବା ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଦେଖି ଚାଲାଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୋଲିସ ଉକ୍ତ ଗାଡ଼ିକୁ ତନଖି କରି ଗଞ୍ଜେଇ ଜବତ କରିଥିଲା। ଏ ନେଇ ନଂ. ୫୩/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ୪ ବର୍ଷର ରୁଦ୍ରାଂଶଙ୍କୁ ୨ ରୌପ୍ୟ ପଦକ




ରୁଦ୍ରାଂଶ

ସୁନାବେଡା, ୧୩।୨ (ସ୍ୱ. ପ୍ର.)

ହାଲ୍ ସୁନାବେଡା ଟାଉନଶିପର ୪ ବର୍ଷ ବୟସର ରୁଦ୍ରାଂଶ କୁମାର ସାମଲ ଏକାଦଶ ଅଖିଳ ଭାରତ ଓପନ କରାଟେ ଚାମ୍ପିୟନଶିପ–୨୦୨୧ ପ୍ରତିଯୋଗିତାରେ ୨ଟି ରୌପ୍ୟ ପଦକ ଜିତିଛନ୍ତି। ଏହି କୃତିତ୍ୱ ହାସଲ କରିବାରେ ଓଡ଼ିଶାରେ ସେ ହେଉଛନ୍ତି ସର୍ବ କନିଷ୍ଠ କରାଟେକା। ଏହି ସର୍ବଭାରତୀୟ ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱରଠାରେ ଗତ ଡିସେମ୍ବର ୨୬ ରୁ ୨୮ ପର୍ଯ୍ୟନ୍ତ ତିନିଦିନ ଧରି ହୋଇଥିଲା। ଏବେ ଏହାର ଫଳାଫଳରୁ ରୁଦ୍ରାଂଶଙ୍କୁ ୨ଟି ରୌପ୍ୟ ପଦକ ମିଳିଥିବା ଜଣାପଡିଛି। ମାଆ ରାଣୀ ଇତିଶ୍ରୀ ମହାପାତ୍ର ଏବଂ ବାପା ରାଜେନ୍ଦ୍ର କେଶରୀ ସାମଲଙ୍କ ପୁଅ ରୁଦ୍ରାଂଶ ୬ ବର୍ଷ ବୟସର କ୍ୟାଟେଗୋରି କୁମୁଟେ(ଫାଇଟ)ରେ ଗୋଟିଏ ରୌପ୍ୟ ପଦକ ପାଇଥିବା ବେଳେ ଆଉ ଗୋଟିଏ ରୌପ୍ୟ ପଦକ କାଟାରେ ପାଇଛନ୍ତି। ବର୍ତ୍ତମାନ ରୁଦ୍ରାଂଶ ହାଲ୍ ଭିଏସ୍ ବିଦ୍ୟାଳୟରେ ଏଲ୍‌କେଜିରେ ଅଧ୍ୟୟନ କରୁଛନ୍ତି। ୨ ବର୍ଷ ବୟସରୁ ସେ ଉତ୍କଳ କରାଟେ ସ୍କୁଲ ସେମିଲିଗୁଡ଼ାରେ କରାଟେ ଅଭ୍ୟାସ କରୁଛନ୍ତି।

## ବିଇଓଙ୍କୁ ସମ୍ବର୍ଦ୍ଧନା, ପୁରସ୍କାର ବିତରଣ

କାଶୀନଗର, ୧୩।୨




କୃତୀ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

କାଶୀନଗରସ୍ଥ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରେ ଅବସରଗ୍ରହଣ କରିଥିବା ବିଇଓ ତଥା ପାରଳାଖେମୁଣ୍ଡି ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ବୃଷକେତୁ ଦାସଙ୍କୁ କାଶୀନଗରଠାରେ ଶିକ୍ଷକ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶିଷ୍ଟ ସମାଜିକ କର୍ମୀ ହୃଷିକେଶ ଗୌଡ଼ଙ୍କ ଜୟନ୍ତୀ ଅବସରରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ କବି ପ୍ରଶାନ୍ତ ମିଶ୍ର ଅଧକ୍ଷତା କରିଥିଲେ। ଶିକ୍ଷକ ସଂଘ ସଭାପତି ଦେବରାଜ ଜେନା, ଆଡଭୋକେଟ କୈଳାସ ଗୌଡ଼, ଶିକ୍ଷକ ଆର. ରାଉତ ପ୍ରମୁଖ ମଞ୍ଚାସୀନ ଥିଲେ। ଉଦୟ ଲିମା, ଏମ.ଶ୍ରୀନିବାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଡ. ବୃଷକେତୁ ଦାସଙ୍କୁ ତାଙ୍କ କର୍ମମୟ ଜୀବନରେ ଶିକ୍ଷା, ଗବେଷଣା ନିମନ୍ତେ ଅନୁଷ୍ଠାନ ତରଫରୁ ଶିକ୍ଷା ପ୍ରଦୀପ ଉପାଧି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କୃତି ଛାତ୍ରୀମାନଙ୍କୁ ରଚନା ଲିଖନ ନିମନ୍ତେ ପୁରସ୍କୃତ କରାଯାଇଥିଲା। ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସୀମାନ୍ତରେ କଡ଼ାକଡ଼ି ଯାଞ୍ଚ

କୋରାପୁଟ, ୧୩।୨ (ସ୍ୱ.ପ୍ର.)

କୋରାପୁଟ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି ରବିବାର ପୋଲିସ ପଡିଆଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆସନ୍ତା ୧୬ରେ ଜିଲାରେ ପ୍ରଥମ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆରମ୍ଭ ହେବ। ଜିଲାର ବୋରିଗୁମ୍ମା, ସେମିଳିଗୁଡା, ବନ୍ଧୁଗାଁ ୩ଟି ବ୍ଲକର ମତଦାତା ମତଦାନ କରିବେ। ଏଥିପାଇଁ ୨୯୭୩ ବୁଥକୁ ପୋଲିସ ପଠାଯିବା ବ୍ୟବସ୍ଥା ହୋଇଛି। ପୋଲିସ ବିଭାଗର ସମସ୍ତ ପଦସ୍ଥ ଅଧିକାରୀ, ଥାନା ଅଧିକାରୀ, ଏସ୍ଆଇ, ଏଏସ୍ଆଇ, କନଷ୍ଟେବଳ, ହୋମଗାର୍ଡ, ଗ୍ରାମରକ୍ଷୀମାନେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ସମସ୍ତ ବୁଥକୁ ନେବା ଆଣିବା ପାଇଁ ବସ୍, ଟ୍ରକ, ମାକ୍ସ, ବୋଲେରୋ ଗାଡି ବ୍ୟବସ୍ଥା କରାଯାଇଛି। ଏସ୍‌ପି ଗୁଣ୍ଟୁପାଲ୍ଲି ନିୟୋଜିତ ପୋଲିସ କର୍ମଚାରୀଙ୍କୁ ନିର୍ବାଚନ ଗାଇଡଲାଇନ ଓ ନିୟମ ସଂପର୍କରେ ବୁଝାଇଛନ୍ତି। ଜିଲାର ପଡୋଶୀ ଆନ୍ଧ୍ର ଓ ଛତିଶଗଡ ସୀମାନ୍ତକୁ ସିଲ୍ କରାଯାଇ ଯାତାୟାତ କରୁଥିବା ଗାଡ଼ିମୋଟର ଯାଞ୍ଚ କରାଯାଉଛି। ସେହିପରି ଜିଲାର ମାଓବାଦୀ ପ୍ରବଣ ଅଞ୍ଚଳ ପଟ୍ଟାଙ୍ଗୀ, ନନ୍ଦପୁର, ଲମତାପୁଟ, ବୈପାରିଗୁଡା, ନାରାୟଣପାଟଣା, ଲକ୍ଷ୍ମୀପୁର ବନ୍ଧୁଗାଁ, ସେମିଳଗୁଡା, କୋଟପାଡ ଆଦି ବ୍ଲକ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଛି। ସେଠାର ଥାନା ଅଧିକାରୀମାନଙ୍କୁ ଯେକୌଣସି ପରିସ୍ଥିତି ଉପରେ ସର୍ତକ ରହିବାକୁ ନିର୍ଦ୍ଦେଶ ହୋଇଛି। ଯଦି ମାଓବାଦୀ ବ୍ୟାନର ଓ ପୋଷ୍ଟର ସମ୍ପର୍କରେ ସୂଚନା ପାଇଲେ ଜନସାଧାରଣ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ଏସ୍‌ପି ଅନୁରୋଧ କରିଛନ୍ତି। କୋରାପୁଟ ଜିଲାରେ ୨୯୭୩ଟି ବୁଥ୍ ରହିଥିବାବେଳେ ସେଥିରୁ ପ୍ରାୟ ୬୦୦ ବୁଥ୍ ସମ୍ବେଦନଶୀଳ ରହିଛି। ଏହି ବୁଥ ପାଇଁ ୭୬୫ ଜଣ କନଷ୍ଟେବଳ ନିୟୋଜିତ ହୋଇଛନ୍ତି। ନିର୍ବାଚନ ପରିଚାଳନା ପାଇଁ ୧୨୦୧ ହୋମଗାର୍ଡ, ୧୦୦୭ ଜଣ ଗ୍ରାମରକ୍ଷୀଙ୍କୁ ନିୟୋଜିତ କରାଯାଇଛି। ମୋବାଇଲ ପାର୍ଟି ସମସ୍ତ ବୁଥ୍ ପରିଦର୍ଶନ କରି ବୁଥ୍ ଉପରେ ଦୃଷ୍ଟି ରଖିବାକୁ କୁହାଯାଇଛି। ସେହିଭଳି କୋରାପୁଟ ଜିଲାର କୋଟିଆ ପଞ୍ଚାୟତ ଅଞ୍ଚଳରେ ମଧ୍ୟ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ଶେଷ କରିବାକୁ ଜିଲା ପୋଲିସ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା ଏସ୍‌ପି ପ୍ରକାଶ କରିଛନ୍ତି।

## ଝାଡ଼ଭୂମି ପଞ୍ଚାୟତରେ ବିଜେଡିର ପ୍ରଚାର



ପ୍ରଚାର କରାଯାଉଛି।

ଜଗନ୍ନାଥପ୍ରସାଦ, ୧୩।୨ (ଡି.ଏନ.ଏ.)

ଜଗନ୍ନାଥପ୍ରସାଦ ବ୍ଲକ ଝାଡ଼ଭୂମି ପଞ୍ଚାୟତ ବିଭିନ୍ନ ଦଳ ପକ୍ଷରୁ ଜୋର୍‌ଦାର୍ ପ୍ରଚାର ଚାଲିଛି। ସରପଞ୍ଚ ପଦବୀ ପାଇଁ ବିଜେଡି ସମର୍ଥିତ ଭାବେ ଭାଗିରଥି ମାଝି, ବିପ୍ର ଚରଣ ସ୍ୱାଇଁ ଓ ଅର୍ଚ୍ଚନା ପ୍ରଧାନ ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ସମର୍ଥନରେ ବାବୁରାମ ସ୍ୱାଇଁ ରଣାଙ୍ଗନରେ ଅଛନ୍ତି। ବିଜେଡି ପକ୍ଷରୁ ସମିତି ସଭ୍ୟ ପଦ ପାଇଁ ବସନ୍ତ କୁମାର ସ୍ୱାଇଁ, ନିରଞ୍ଜନ ନନ୍ଦ, ଅନୁପ କୁମାର ଭୂୟାଁ ଓ ଭାଜପାରୁ ରଞ୍ଜନ ମାଝି ଏବଂ କଂଗ୍ରେସରୁ ସୁରେଶ ଚନ୍ଦ୍ର ପ୍ରଧାନ, ସ୍ୱାଧୀନରୁ ସୀତାରାମ ପଣ୍ଡାଙ୍କ ମଧ୍ୟରେ ଲଢ଼େଇ ହେଉଛି। ୧୯୫୭ ରେ ଗଠିତ ଝାଡ଼ଭୂମି। ଏହି ପଞ୍ଚାୟଟି ବିଜେଡିର ଗଡ଼ ଭାବେ ପରିଚୟ ବଜାୟ ରଖିଛି। କିନ୍ତୁ ଆଗକୁ ଏହି ଗଡ଼ ଟି ପରିବର୍ତନ ହେଉଛି ନା ନିଜ ର ଦଖଲ ରଖିବ ତାହା ଦେଖିବାକୁ ବାକି ରହିଛି। ପଞ୍ଚାୟତରେ ମୋଟ ୧୮ ଟି ୱାର୍ଡ ଓ ଭୋଟର ସଂଖ୍ୟା ୫୭୭୨। ପଞ୍ଚାୟତର ଜଳନ୍ଧର ନାୟକ ପୂର୍ବରୁ ଏକାଧିକ ଥର ସରପଞ୍ଚ ନିର୍ବାଚିତ ହୋଇ ଦାୟିତ୍ୱ ସମ୍ଭାଳି ଥିଲେ। ବର୍ତ୍ତମାନ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ତାଙ୍କ ସାନ ବୋହୂ ଅର୍ଚ୍ଚନା ପ୍ରଧାନଙ୍କୁ ମଇଦାନକୁ ଓହ୍ଲାଇଛନ୍ତି।

## ବିଜେଡିରେ ମିଶିଲେ ଶତାଧିକ ଯୁବକ

ଆର.ଉଦୟଗିରି, ୧୩।୨ (ଡି.ଏନ.ଏ.)

ଗଜପତି ଜିଲା ୮ ଓ ୯ ନଂ. ଜୋନ ଅଞ୍ଚଳକୁ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ଆସିଥିବା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ରବିବାର ମୋହନା ବିଜେଡି କାର୍ଯ୍ୟାଳୟରେ ସ୍ଥାନୀୟ ଶତାଧିକ ଯୁବକ ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ଏମ୍‌ପି ଚନ୍ଦ୍ର ଶେଖର ସାହୁ, ପର୍ଯ୍ୟବେକ୍ଷକ ଏମ୍. ଜଗଦୀଶ ରାଓ, ଅନ୍ତର୍ଯ୍ୟାମୀ ଗମାଙ୍ଗ, ଦଣ୍ଡାସି ସାହୁଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ। ରାଜ୍ୟ ସଭା ସଦସ୍ୟ ନିଜ ବକ୍ତବ୍ୟରେ ନୂତନ ଭାବେ ସାମିଲ ହୋଇଥିବା କର୍ମୀଙ୍କୁ ବିଜେଡିର ମୁଖ୍ୟ ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ, ଯିଏକି ରାଜ୍ୟର ଗରିବ ଲୋକଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ତେଣୁ ତାଙ୍କ ହାତମୁଠା ଟାଣକରିବା ନିମନ୍ତେ ଆମେ ମଧ୍ୟ ସାମିଲ ହେବା ଦରକାର। ଏହା ସହ ଏମ୍‌ପି ସାହୁ ମୋହନା ବିଧାନସଭା ନିର୍ବାଚନମଣ୍ଡଳୀରେ ଆଠଟି ଜିଲା ପରିଷଦ ଜୋନ ଅଛି। ଏହି ଜୋନରେ ବିଜେଡି ପ୍ରାର୍ଥୀମାନେ ନିଶ୍ଚୟ ବିପୁଳ ଭୋଟ ପାଇ ବିଜୟୀ ହେବେ ବୋଲି ପ୍ରକାଶ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଓ ଅନ୍ୟମାନେ।

## ଘାଟିରେ ଭ୍ୟାନ ଓଲଟି ଜଣେ ମୃତ, ୮ ଆହତ

ବୈପାରିଗୁଡା, ୧୩।୨ (ଡି.ଏନ୍.ଏ.)

ବୈପାରିଗୁଡା ଥାନା ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତ ଡୋକରିପଡା ଘାଟିରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ ଓଲଟି ଜଣଙ୍କର ମୃତ୍ୟୁ ହୋଇଛି। ୮ ଜଣ ଆହତ ହୋଇଛନ୍ତି। ମୃତକ ହେଲେ କାତପଡା ଗ୍ରାମର ସମରା ପାଙ୍ଗି(୪୫)। ଖବରରୁ ଜଣାପଡିଛି, ବୋଦାପୁଟ ପଞ୍ଚାୟତର କାଳିଆଗୁଡାଠାରେ ବିଜେଡି ପକ୍ଷରୁ ହେଉଥିବା ଏକ ବୈଠକରେ ଯୋଗ ଦେବାକୁ ଅନ୍ୟମାନଙ୍କ ସହ ସମରା ଏକ ପିକ୍‌ଅପ୍ ଭ୍ୟାନରେ ଯାଉଥିଲେ। ଡୋକରିପଡା ଘାଟିରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଘଟଣାସ୍ଥଳରେ ସମରାଙ୍କ ମୃତ୍ୟୁ ହୋଇଯାଇଥିଲା। ଆହାତମାନଙ୍କୁ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରଥମିକ ଚିକିତ୍ସା କରିବା ପରେ ୨ ଜଣ ଶୁକ ପାଙ୍ଗି ଓ ପୀତବାସ ମାଳିଙ୍କୁ ଜୟପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବୈପାରିଗୁଡା ପୋଲିସ୍ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକ କହିଛନ୍ତି। ଏହି ଖବର ଜାଣିବା ପରେ କୋରାପୁଟ ବିଧାୟକ ରଘୁରାମ ପଡାଲ ଓ ଜିଲା ପରିଷଦ ଜୋନ୍–୨ ପ୍ରାର୍ଥୀ କମଳା ନାୟକ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେଇଛନ୍ତି।

## କଳା, ସଂସ୍କୃତି, ସାହିତ୍ୟକୁ ନେଇ ଆଲୋଚନାଚକ୍ର



ଗୁଣପୁର, ୧୩।୨ (ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରସ୍ଥିତ ଭେଙ୍କେଟେଶ୍ୱର କଲ୍ୟାଣ ମଣ୍ଡପରେ କଳା, ସଂସ୍କୃତି ଏବଂ ସାହିତ୍ୟକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ସହ ସଙ୍ଗୀତ ପରିବେଷଣ କରାଯାଇଥିଲା। ବରିଷ୍ଠ ସାହିତ୍ୟିକ ପ୍ରତାପ କୁମାର ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଶିଷ୍ଟ କଳାକାର ତଥା ସାହିତ୍ୟିକ କୈଳାସ ଦାସ, ପ୍ରଦୀପ ନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ରାୟଗଡାର ବିଶିଷ୍ଟ କଣ୍ଠ ଶିଳ୍ପି ପ୍ରଶାନ୍ତ ନାୟକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଉପସ୍ଥିତ ଅତିଥିମାନେ ସାହିତ୍ୟ ଓ ସଙ୍ଗୀତ ସମ୍ପର୍କରେ ସମୀକ୍ଷା କରିଥିଲେ। କବିମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ଅଶ୍ୱିନୀ ତ୍ରିପାଠୀ ଏବଂ ଉମା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରମେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ଡ. ପ୍ରଶାନ୍ତ ହୋତା, କୃଷ୍ଣ ମିଶ୍ର, ପ୍ରମୋଦ ପଣ୍ଡା ଓ ଦୁର୍ଗା ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାୟଗଡା ଏବଂ ଗୁଣପୁର କଳାକାର, କବି ଓ ସାହିତ୍ୟିକମାନେ ଉପସ୍ଥିତ ଥିଲେ।

## ବିଧାୟକଙ୍କ ମାରାଥନ ପ୍ରଚାର

ଗଞ୍ଜାମ, ୧୩।୨ (ଡି.ଏନ.ଏ.)



ବିଧାୟକଙ୍କ ମାରାଥନ ପ୍ରଚାର।

ଗଞ୍ଜାମ ବ୍ଲକ ଅନ୍ତର୍ଗତ ୧୫ ନମ୍ବର ଜୋନରେ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ସନାତନ ବେହେରାଙ୍କ ପାଇଁ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ମାରାଥନ ନିର୍ବାଚନ ପ୍ରଚାର କରୁଛନ୍ତି। ରବିବାର କାଇଁଚପୁର ପଞ୍ଚାୟତର କଲ୍ୟାଣପୁର, ବଡ଼ କାଇଁଚପୁର, ସାନ କାଇଁଚପୁର, ମାଳିଜଗନ୍ନାଥପୁର ଆଦି ଗ୍ରାମରେ ଦଳୀୟ ନେତୃବୃନ୍ଦଙ୍କ ସାଥିରେ ପ୍ରଚାର କରିଛନ୍ତି। ପରେ ରାମଗଡ଼, ହୁମ୍ମା, ସୁବଳୟା, ସାନରାମଚନ୍ଦ୍ରପୁର ପଞ୍ଚାୟତରେ ସ୍ୱତଃପ୍ରବୃତ୍ତ ଭାବେ ଲୋକମାନେ ବିଧାୟକ ବେହେରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଆଲୋକପାତ କରିବା ସହ ଜିଲାପରିଷଦ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଚାରରେ କ୍ୟାମ୍ପେନ ପ୍ରଚାର କମିଟି ତଥା ବିଜେଡି ଏନ୍‌ଏସି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ଗୋବିନ୍ଦ ରେଡ୍ଡୀ, କେ. ରଜନୀକାନ୍ତ ରେଡ୍ଡୀ, ଯୁବନେତା ମନୋଜ ପ୍ରଧାନ, ଷ୍ଟାର ପ୍ରଚାରକ ଟୋନି ପଣ୍ଡା ପ୍ରମୁଖ ସାମିଲ ଅଛନ୍ତି।

# ମହିପୁର ପଞ୍ଚାୟତରେ ନିର୍ବାଚନୀ ହିଂସା, ୫ ଆହତ

## ବିଧାୟକଙ୍କ ପ୍ରଚାରକୁ ବିରୋଧ

ନୂଆଗାଁ, ୧୩।୨ (ଡି.ଏନ.ଏ )

ନୟାଗଡ ଜିଲା ନୂଆଗାଁ ଥାନା ମହିପୁର ପଞ୍ଚାୟତରେ ରବିବାର ଅପରାହ୍ନରେ ଦଶପଲ୍ଲା ବିଧାୟକ ରମେଶ ବେହେରାଙ୍କ ପ୍ରଚାରକୁ କର୍ମୀମାନେ ବିରୋଧ କରିଛନ୍ତି। ବିରୋଧକୁ ନେଇ ବିଜେଡି ଦୁଇ ଗୋଷ୍ଠୀ ମଧ୍ୟରେ କନ୍ଦଳ ହେବାରୁ ସଂଘର୍ଷ ଘଟି ୫ ଜଣ ଆହତ ହୋଇଛନ୍ତି। ସଂଘର୍ଷ ସମୟରେ କାର, ବାଇକ୍, ଘର ଆଦି ଭଙ୍ଗାରୁଜା କରାଯାଇଛି। ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛି।

ପୋଲିସ ସୂତ୍ରରୁ ପ୍ରକାଶ, ରବିବାର ଅପରାହ୍ନ ୫ଟାରେ ଦଶପଲ୍ଲା ନିର୍ବାଚନମଣ୍ଡଳୀ ନୂଆଗାଁ ବ୍ଲକର ୧୭ ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ମହିପୁରଠାରେ ବିଧାୟକ ବେହେରା ପହଞ୍ଚି ନିର୍ବାଚନୀ ପ୍ରଚାର ଆରମ୍ଭ କରିଥିଲେ। ପ୍ରଚାରରେ ଯିବାକୁ ଦୁଇ ଗୋଷ୍ଠୀର ସମର୍ଥକମାନେ ପ୍ରସ୍ତୁତ ରହିଥିଲେ। ରାମଚଣ୍ଡୀ ପୀଠଠାରୁ ପ୍ରଚାର ଗାଡି ବାହାରି ମହିପୁର ଛକ ଦେଇ କମଳାପାଟଣା ଯାଇଥିଲା। ବିଧାୟକ ବେହେରାଙ୍କ ସହ ଯାଉଥିବା ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର ଗାଡିରେ ମହିପୁର ପଞ୍ଚାୟତର ନିର୍ଦ୍ଦିଷ୍ଟ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀଙ୍କ ବ୍ୟାନର ଓ ପୋଷ୍ଟର ଲଗା ଯାଇଥିଲା। ଯାହାକୁ ଅନ୍ୟ ଗୋଷ୍ଠୀ ବିରୋଧ କରିଥିଲେ। ସେମାନଙ୍କ କହିବା ମୁତାବକ, ବିଧାୟକ ବେହେରା ପୂର୍ବରୁ କାହାରିକୁ ସରପଞ୍ଚ, ସମିତି ସଭ୍ୟ ପ୍ରାର୍ଥୀ ଭାବେ ସମର୍ଥନ ଘୋଷଣା କରି ନ ଥିଲେ। ଅନ୍ୟପକ୍ଷେ ନିର୍ବାଚନ ଆଇନ ଅନୁସାରେ, ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀ କୌଣସି ରାଜନୈତିକ ଦଳରେ ସାମିଲ ନୁହନ୍ତି। ତେଣୁ ବିଧାୟକ କାହିଁକି ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀକୁ ଆଣି ଦଳ ମଧ୍ୟରେ ପ୍ରଚାର କରୁଛନ୍ତି। ଏହାକୁ ବିରୋଧ କରିବାରେ ବିଧାୟକଙ୍କ ସହ ଯାଉଥିବା ଗୋଷ୍ଠୀ ପ୍ରଚାର ଗାଡିକୁ ବିରୋଧ କରୁଥିବା ଲୋକଙ୍କ ଉପରକୁ ଚଢାଇ ଦେବାକୁ ବସିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଚାର ସାମିଲ ହୋଇଥିବା କର୍ମୀମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଗଣ୍ଡଗୋଳରେ ବାପି ବେହେରା, ଜୟ ବେହେରା, ସିଲୁ ବେହେରା, ମୁନା ବେହେରା, ସୁଦାମ ଜାନି ଆହତ ହୋଇଛନ୍ତି। ଘଟଣା ଉଗ୍ର ରୂପ ଧାରଣ କରିଥିବା ବେଳେ ବିଧାୟକ ବେହେରା ଘଟଣା ସ୍ଥଳ ଛାଡି ପଳାଇ ଯାଇଥିଲେ। ଫଳରେ ଘଟଣା ଅଣାୟତ ହୋଇପଡିଥିଲା। ଏଥିରେ ନିଳାଦ୍ରୀପୁରର ସୁରେନ୍ଦ୍ରନାଥ ଶତପଥୀଙ୍କ କାର, ବାଇକ୍ ଓ ଘର ଭଙ୍ଗାରୁଜା କରାଯାଇଥିବା ସେ ଅଭିଯୋଗ ବାଢିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଂଘର୍ଷରେ ଜଡିତ ବ୍ୟକ୍ତିଙ୍କ ଘଉଡାଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଆଇଆଇସି ବସନ୍ତ କୁମାର ସାହୁ କହିଛନ୍ତି।



ଭଙ୍ଗା ଯାଇଥିବା କାର୍।



ଗୋଷ୍ଠୀ କନ୍ଦଳରେ ଆହତ ବ୍ୟକ୍ତିମାନେ।

## ସଂକ୍ଷେପରେ

### ଶର୍ଟ ସର୍କିଟରେ ଘର ଜଳିଗଲା

**ବଲସକୁମ୍ପା, ୧୩।୨:** ଖଜୁରିପଡ଼ା ତହସିଲ ଅନ୍ତର୍ଭୁକ୍ତ ଆର୍.ନୂଆଗାଁ କଲରାପାଜୁ ଗ୍ରାମର ପ୍ରହ୍ଲାଦ କହଁର (୫୫)ଙ୍କ ଘର ରବିବାର ଅପରାହ୍ନରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଜଳିଯାଇଥିଲା। ଅଗ୍ନିକାଣ୍ଡରେ ଲୁଗାପଟା, ଧାନ, ଚାଉଳ ସମେତ ୪୫ ହଜାର ଟଙ୍କା, କାଗଜ ପତ୍ର, ସୁନା ମାଳି ଦୁଇ ଗୋଟି ଓ ନିତ୍ୟ ବ୍ୟବହାର୍ଯ୍ୟ ଘରର ଆସବାବ ପତ୍ର ସବୁ ପୋଡ଼ି ପାଉଁଶ ହୋଇଯାଇଥିବା ପ୍ରହ୍ଲାଦ କହଁର କହିଛନ୍ତି। ଘରେ ରହୁଥିବା ଚାରି ପ୍ରାଣୀ କୁଟୁମ୍ବ ଗାଧୋଇବା ପାଇଁ ନଦୀକୁ ଯାଇଥିବା ବେଳେ ଘର ଜଳିଯାଇଛି। ଖଜୁରିପଡ଼ା ଦମକଳ ବାହାନି ପହଞ୍ଚି ନିଆଁ ଲିଭାଇଥିଲେ। ରାଜସ୍ୱ ନିରିକ୍ଷକ ଅଧିକାରୀ ରିତାଞ୍ଜଳି କହଁର ଏବଂ ୱାର୍ଡ ମେମ୍ବର ନିରୁପମା ଗଣ୍ଡା ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରି ଖଜୁରୀପଡ଼ା ତହସିଲକୁ ରିପୋର୍ଟ ପଠାଇବା ସହିତ ଅସହାୟ ପରିବାରକୁ ପଲିଥିନ ଏବଂ କିଛି ସୁଖା ଖାଦ୍ୟ ସହିତ ରାଶନ ସାମଗ୍ରୀ ଯୋଗାଇଥିବା ରାଜସ୍ୱ ନିରୀକ୍ଷକ ଅଧିକାରୀ ସୂଚନା ଦେଇଛନ୍ତି।

### ତ୍ରିନାଥ ମଣ୍ଡପରେ ଭଜନ ସନ୍ଧ୍ୟା

**କବିସୂର୍ଯ୍ୟନଗର, ୧୩।୨(ଡି.ଏନ.ଏ.):** କବିସୂର୍ଯ୍ୟନଗର ଧୋବାବନ୍ଧ ହିଡ଼ ତ୍ରିନାଥ ମନ୍ଦିରଠାରେ ଭଞ୍ଜନଗର ଉତ୍କଳ କଳାକାର ମହାସଂଘ ଓ ସ୍ୱୟଂସିଦ୍ଧା ମହିଳା ସଂଘ ମିଳିତ ଆନୁକୂଲ୍ୟରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଶିଶିରକାନ୍ତ ଦାସ, ସଭାପତି ପ୍ରଦୀପ କୁମାର ସ୍ୱାଇଁ, ନିର୍ଦ୍ଦେଶିକା ଅନୁରାଧା ସାହୁ, ଉପଦେଷ୍ଟା ସୁନୀଲ କୁମାର ମହାନ୍ତି ପରିଚାଳନା ଓ ସମ୍ପାଦନା କରିଥିଲେ। ଓମ୍ କଳା ଏକାଡେମୀ ଭଞ୍ଜନଗରର ସୌମ୍ୟରଞ୍ଜନ ବ୍ରହ୍ମା, ଲିପ୍ସାରାଣୀ ନାୟକ, ଶ୍ରୀତିଶ୍ରୀ ନାୟକ, ଚାନ୍ଦିନୀ ପାତ୍ର ପ୍ରମୁଖ କଳାକାର କଣ୍ଠଦାନ କରିଥିଲେ। ବାଦ୍ୟଯନ୍ତ୍ରରେ ଶମ୍ଭୁ ନାହାକ, ଡି. ଲକ୍ଷ୍ମୀନାରାୟଣ, ପବନା ନାୟକ ଆଦି ଯୋଗ ଦେଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁଙ୍କୁ ଉପଢୌକନ, ମାନପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ ଉତ୍କଳ କଳାକାର ସଂଘ ଭଞ୍ଜନଗର।

### ଭୋଟ ପାଇଁ ଦିଆଗଲା ରସ ହଣ୍ଡା

**ଚକପାଦ, ୧୩।୨(ଡି.ଏନ୍.ଏ.):** ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ କନ୍ଧମାଳ ଜିଲାର ଚକାପାଦ ବ୍ଲକ ଅନ୍ତର୍ଗତ କଖାରୁଜୁଲା ପଞ୍ଚାୟତରେ ଶନିବାର ରାତିରେ ଲାଣ୍ଡି କୁସୁମ ଗ୍ରାମରେ ଥିବା ଏକ ମଣ୍ଡପରେ ୧୧ ଟି ରସ ହଣ୍ଡା ରଖାଯାଇଥିଲା। ଉକ୍ତ ହଣ୍ଡା ଗୁଡ଼ିକୁ ଭୋଟ ଦେବା ପାଇଁ ପ୍ରଲୋଭନ ଦେଖାଇ, ଭୋଟର ମାନଙ୍କର ଗାଁ ଗାଁକୁ ଦିଆଯାଉଛି। ଏ ନେଇ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ଜଣେଇବା ପରେ, ଚକାପାଦ ଥାନାଧିକାରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ଜଣେ ହୋମ ଗାର୍ଡଙ୍କୁ ପଠେଇ ତାହା ତଦାରଖ କରିଥିଲେ। ହୋମ ଗାର୍ଡ ଦସ୍ତାଗୁଡ଼ିକ ଦେଖିଲା ପରେ, ଫୋନ ମାଧମରେ ଥାନାଧିକାରୀଙ୍କୁ ଜଣାଇଥିଲେ। ଏଯାଏ କଛି ପଦକ୍ଷେପ ଗ୍ରହଣ ହୋଇ ନ ଥିବାର ଜଣାପଡ଼ିଛି।

### ଏଟିଏମ୍ ଅଚଳ, ଗ୍ରାହକ ହନ୍ତସନ୍ତ

**କାଶୀନଗର, ୧୩।୨:** କାଶୀନଗରର ୟୁନିୟନ ବ୍ୟାଙ୍କର ଏଟିଏମ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଅଚଳ ଏଟିଏମ୍‌କୁ ସଚଳ କରାଯାଉନାହିଁ। ଫଳରେ ଗ୍ରାହକମାନେ ଟଙ୍କା ଉଠାଣ ନିମନ୍ତେ ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ ନିର୍ବାଚନ ଦାୟିତ୍ୱରେ ବ୍ୟାଙ୍କ କର୍ମଚାରୀମାନେ ନିୟୋଜିତ ହେବା ଫଳରେ ବ୍ୟାଙ୍କ କାର୍ଯ୍ୟ ବ୍ୟାହତ ହେଉଛି। ଲୋକେ ଟଙ୍କା ଉଠାଣ ନିମନ୍ତେ ଏଟିଏମ ଉପରେ ନିର୍ଭର କରନ୍ତି। ବିଭିନ୍ନ ସମୟରେ ବିଦ୍ୟୁତ୍ ସରବରାହ ଯୋଗୁ ମଧ ଏଟିଏମ୍ ଗ୍ରାହକ ସେବା ନ ପାଇ ହଇରାଣ ହେଉଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମାର୍ଚ୍ଚ ୧ରେ ୩ୟ ରାଜ୍ୟସ୍ତରୀୟ ନାଟ୍ୟମେଳା

ନୟାଗଡ଼ ଅଫିସ, ୧୩।୨

ନୟାଗଡ଼ ଜିଲାର ଅଗ୍ରଣୀ ତଥା ପଞ୍ଜୀକୃତ ନାଟ୍ୟାନୁଷ୍ଠାନ 'ନାଟ୍ୟଧାରା' ଏବଂ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ମାର୍ଚ୍ଚ ୧ରୁ ୮ତାରିଖ ରାଜ୍ୟସ୍ତରୀୟ ନାଟ୍ୟମେଳା ପଠାଣି ସାମନ୍ତ ଅଡିଟୋରିୟମଠାରେ ପ୍ରତ୍ୟହ ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ମୁକ୍ତାପୁରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଧାରା ସଭାପତି ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବିଭିନ୍ନ ଦିବସରେ ନାଟ୍ୟ ଚେତନା ନାଟ୍ୟଗ୍ରାମ ଖୋର୍ଦ୍ଧା ପକ୍ଷରୁ ନାଟକ 'କୁଆଁକୁଆଁ', ନବୀନ ବର୍ଣ୍ଣାଳୀ ଭୁବନେଶ୍ୱର ପକ୍ଷରୁ ନାଟକ 'ଭିନ୍ନ ଏକ ଗଳ୍ପ', ଓଡ଼ିଶା ନାଟକ ସମାରୋହ ବ୍ରହ୍ମପୁର ପକ୍ଷରୁ ନାଟକ 'ସାଉଁଟା କଇଁ', ପଞ୍ଚଧ୍ୱନୀ ନାଟ୍ୟ ପରିଷଦ, ଭୁବନେଶ୍ୱର ପକ୍ଷରୁ 'ଗୋଟିଏ କାହାଣୀ' ଅନୁଷ୍ଠିତ ହେବ। ସେହିପରି ସୂତ୍ରଧର ଖୋର୍ଦ୍ଧା ପକ୍ଷରୁ ନାଟକ 'ଆଉରଙ୍ଗଜେବ', ମିରର ଥିଏଟର ବେଲପାହାଡ ପକ୍ଷରୁ 'ଦୂର ଆକାଶ', ରଙ୍ଗଶାଳା ପୁରୀ ପକ୍ଷରୁ ନାଟକ 'ଶବ ବାହକମାନେ' ଏବଂ ଶେଷରେ ନୟାଗଡ଼ ଚମତ୍କାର ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ 'ନିଧି ବାବୁ ଘରେ ଅଛି' ମଞ୍ଚସ୍ଥ ହେବ। ଗତ ୨ବର୍ଷ ଧରି ଆୟୋଜିତ ସପ୍ତାହ ବ୍ୟାପୀ ନାଟକ କାର୍ଯ୍ୟକ୍ରମର ବିପୁଳ ସଫଳତା ଚଳିତବର୍ଷ ପୁଣି ନାଟ୍ୟ ମେଳା ଆୟୋଜନ ପାଇଁ ପ୍ରେରଣା ଯୋଗାଇଛି ବୋଲି ନାଟ୍ୟଧାରା ପକ୍ଷରୁ ନାଟ୍ୟ ନିର୍ଦ୍ଦେଶକ ଡ.ବିଜୟ କୁମାର ଚୌଧୁରୀ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ନିର୍ଦ୍ଦେଶକ ଆଶୁତୋଷ ମିଶ୍ର, ସାହିତ୍ୟିକ ନିର୍ମଳ ଶୁରଦେଓ, କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଶେଖ ଅବଦୁଲ ଖାଲିକ, ଅଶୋକ ମଲ୍ଲ, ଲକ୍ଷ୍ମୀଧର ସାହୁ, ଉମାକାନ୍ତ ମିଶ୍ର, କଣ୍ଠଶିଳ୍ପୀ ନବକିଶୋର ମିଶ୍ର, ଅଧ୍ୟାପକ ଗଣେଶ ମିଶ୍ର, ସୁଧାଂଶୁ ଶେଖର ପଣ୍ଡା, ରଜତ ପଟ୍ଟନାୟକ, ସରୋଜ ସାହୁ, ଗୋକୁଳ ଷଡଙ୍ଗୀ, ରଞ୍ଜନ ରଶ୍ମୀ ଜେନା ପ୍ରମୁଖ କର୍ମକର୍ତ୍ତା ଯୋଗଦାନ କରିଥିଲେ।




ନାଟ୍ୟମେଳା ଲାଗି ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ବ୍ୟକ୍ତିମାନେ।

# ବୁଗୁଡ଼ା ବ୍ଲକର ୨୦ ଅତିଶୟ ସମ୍ବେଦନଶୀଳ ବୁଥ୍

ବୁଗୁଡ଼ା, ୧୩।୨(ଡି.ଏନ.ଏ.)

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ବୁଗୁଡ଼ା ବ୍ଲକର ୨୧ଟି ପଞ୍ଚାୟତର ମୋଟ ୨୮୭ ଟି ବୁଥ୍ ମଧ୍ୟରୁ ୧୪ ପଞ୍ଚାୟତର ୨୦ ବୁଥ୍ ଅତିଶୟ ସମ୍ବେଦନଶୀଳ ବୋଲି ଜଣାପଡିଛି। ଖୋଲଖାଲି ପଞ୍ଚାୟତର ତାଳସାକର ଗ୍ରାମସ୍ଥ ବୁଥ୍ ନଂ୬ ଓ ଖୋଲଖାଲି ଗ୍ରାମର ବୁଥ୍ ନଂ ୧, ପାଙ୍ଗିଡି ପଞ୍ଚାୟତର ବୁଥ୍ ନଂ ୭, କଳମ୍ବ ପଞ୍ଚାୟତର କାଦପଡା ସ୍ଥିତ ବୁଥ୍ ନଂ ୫, ଏ. କରଡ଼ାବାଡ଼ି ପଞ୍ଚାୟତର ସୋରଡ ଗ୍ରାମସ୍ଥ ବୁଥ୍ ନଂ ୧ ଓ ଏ.କରଡ଼ାବାଡ଼ି ଗ୍ରାମସ୍ଥ ବୁଥ୍ ନଂ ୭, ପୋଚାଲୁଣ୍ଡି ପଞ୍ଚାୟତର ପୋଚାଲୁଣ୍ଡି ଗ୍ରାମସ୍ଥ ବୁଥ୍ ନଂ ୧, କରସିଙ୍ଗି ପଞ୍ଚାୟତର ସମଲେଇ ଗ୍ରାମସ୍ଥ ବୁଥ୍ ନଂ ୩ ଓ କରସିଙ୍ଗି ଗ୍ରାମସ୍ଥ ବୁଥ୍ ନଂ ୫, ତାକରଡ଼ା ପଞ୍ଚାୟତର ତାକରଡ଼ା ଗ୍ରାମସ୍ଥ ବୁଥ୍ ନଂ ୧, ବି.କରଡ଼ାବାଡ଼ି ପଞ୍ଚାୟତର ଦଦରାଖୋଲ ଗ୍ରାମସ୍ଥ ବୁଥ୍ ନଂ ୯ ଓ ବି.କରଡ଼ାବାଡ଼ି ଗ୍ରାମସ୍ଥ ବୁଥ୍ ନଂ ୧, ଭଗବାନପୁର ପଞ୍ଚାୟତର ନୂଆଁପାଣିକେଶର ଗ୍ରାମସ୍ଥ ବୁଥ୍ ନଂ ୯, ବିରଞ୍ଚିପୁର ପଞ୍ଚାୟତର ଆଦିପୁର ଗ୍ରାମସ୍ଥ ବୁଥ୍ ନଂ ୧୦, ଗୋଲାବନ୍ଧ ପଞ୍ଚାୟତର ଗୋଲାବଞ୍ଜାର ଗ୍ରାମସ୍ଥ ବୁଥ୍ ନଂ ୮, ମାଣିତରା ପଞ୍ଚାୟତର ମାଣିତରା ଗ୍ରାମସ୍ଥ ବୁଥ୍ ନଂ ୫, ଗୌଡିଆବୋରଦା ପଞ୍ଚାୟତର କାନସୁକା ଗ୍ରାମସ୍ଥ ବୁଥ୍ ନଂ ୮ ଓ ଗୁଡିପଲ୍ଲୀ ଗ୍ରାମସ୍ଥ ବୁଥ୍ ନଂ ୧୩, ମୋଟାବାଡ଼ି ପଞ୍ଚାୟତର ନାଗିରି ଗ୍ରାମସ୍ଥ ବୁଥ୍ ନଂ ୧ ଓ ମୋଟାବାଡ଼ି ଗ୍ରାମସ୍ଥ ବୁଥ୍ ନଂ ୧୧ ଆଦି ଅତିଶୟ ସମ୍ବେଦନଶୀଳ ମତଦାନ କେନ୍ଦ୍ର ତାଲିକା ଭୁକ୍ତ ହୋଇଥିବା ନେଇ ବୁଗୁଡ଼ା ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କ ଠାରୁ ସୂଚନା ମିଳିଛି। ପ୍ରକାଶ ଯୋଗ୍ୟ, ଯେକ, ଗତ ୨୦୧୭ର ପଞ୍ଚାୟତ ନିର୍ବାଚନ ପ୍ରତିପ୍ରେକ୍ଷୀରେ ପ୍ରଚାର ସମୟରେ ଭାମଶିଆଳି ଗ୍ରାମରେ ସାଙ୍ଘାତିକ ଗଣ୍ଡଗୋଳ ସହ ବୁଗୁଡ଼ା ବ୍ଲକ ଛକରେ ବୋମାମାଡ ଏବଂ ଗୋଲିଆ ପଞ୍ଚାୟତର ସୀତାରାମପଲ୍ଲୀ ଗାଁରେ ଦୁଇ ବିରୋଧୀ ଗୋଷ୍ଠୀ ମଧ୍ୟରେ ପଥର ମାଡ ବେଳେ ପୋଲିସ ଆହତ ହୋଇଥିବା ଘଟଣା ସାଙ୍ଗକୁ ପାଙ୍ଗିଡ଼ି ପଞ୍ଚାୟତର ବେଲପଡା ଗାଁରେ ନିର୍ବାଚନ ହିଂସାକାଣ୍ଡରେ ଜଣଙ୍କର ମୃତ୍ୟୁ ଘଟିଥିଲା। ତେବେ ଚଳିତ ପଞ୍ଚାୟତ ନିର୍ବାଚନକୁ ହିଂସାମୁକ୍ତ କରିବା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଗାଁ ଗାଁରେ ଫ୍ଲାଗ୍ ମାର୍ଚ୍ଚ ସାଙ୍ଗକୁ ଜନସଚେତନତା ସୃଷ୍ଟି ଯୋଗୁ ବର୍ତ୍ତମାନ ପ୍ରାକ୍ ନିର୍ବାଚନୀ ପରିସ୍ଥିତି ଶାନ୍ତି ପୂର୍ଣ୍ଣ ରହିଛି।

# ଗୃହ ବିଭାଗର ଅନୁମତିକୁ ଅପେକ୍ଷା

## ଅଟକିଛି ସିନ୍ଥେଟିକ୍ ଟର୍ଫ ହକି ସେଣ୍ଟର

ଛତ୍ରପୁର, ୧୩।୨(ଡି.ଏନ.ଏ)

ଛତ୍ରପୁର ଠାରେ ପ୍ରସ୍ତାବିତ ସିନ୍ଥେଟିକ୍ ଟର୍ଫ ହକି ସେଣ୍ଟର ପାଇଁ ଚିହ୍ନଟ ଜମିରେ ଥିବା ପୁରୁଣା କୋଠା ଭଙ୍ଗିବାକୁ ଅନୁମତି ମିଳୁ ନ ଥିବାରୁ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଚିହ୍ନଟ ଜମିରେ ଗୃହ ବିଭାଗ ଅଧିନ ଗଞ୍ଜାମ ପୋଲିସର ଏକ ପୁରୁଣା କୋଠା ରହିଛି। ଯାହାକି ଟର୍ଫ ହକି ସେଣ୍ଟର ନିର୍ମାଣ ପାଇଁ ଏହି କୋଠା ଅବରୋଧ କରୁଛି। ତେଣୁ ତାହାକୁ ଭାଙ୍ଗିବା ଆବଶ୍ୟକ ପଡୁଛି। ଟର୍ଫ ହକି ସେଂଟର ପାଇଁ ଚିହ୍ନଟ ୩.୧ ଏକର ଜମି ଛତ୍ରପୁର ତହସିଲ ଅଧିକ ସୀତାରାମପୁର ମୌଜା ଖାତା ନଂ-୪୭୫ ରେ ରହିଛି। ଏ ନେଇ ପୁଣି ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ବ୍ରହ୍ମପୁର ଇଡକୋ ଡିଭିଜନାଲ ମୁଖ୍ୟ ଇଂ ଅଶୋକ କୁମାର ମିଶ୍ର ଚିଠି ଲେଖିଛନ୍ତି। ଉକ୍ତ ଜମିରେ ଥିବା ପୁରୁଣା କୋଠା ଭାଙ୍ଗିବା ପାଇଁ ସ୍ୱତନ୍ତ୍ର ଅନୁମତି ଗୃହ ବିଭାଗ ରୁ ଆଣିବା ଲାଗି ଏଥିରେ ହସ୍ତକ୍ଷେପ କରିବାକୁ ଇଡକୋ ଡିଭିଜନାଲ ମୁଖ୍ୟଙ୍କ ପକ୍ଷରୁ ଉକ୍ତ ଚିଠି ଦ୍ୱାରା ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ଏହି ପୁରୁଣା କୋଠା ଭଙ୍ଗା ଗଲେ ଟର୍ଫ ହକି ସେଂଟର ନିର୍ମାଣ କାମ ଆରମ୍ଭ ହେବ ଏବଂ ଏହାଦ୍ୱାରା ଓଡିଶା ସରକାରଙ୍କ କ୍ରୀଡା ବିଭାଗ ସଚିବଙ୍କ ପକ୍ଷରୁ ନିର୍ଦ୍ଧାରିତ ଡେଡ୍‌ଲାଇନ୍ କାର୍ଯ୍ୟକାରୀ ହୋଇପାରିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନା ଯୋଗ୍ୟ, ଟର୍ଫ ହକି ସେଂଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେଇଥିଲେ। ଏହି ଟର୍ଫ ହକି ସେଂଟର ନିର୍ମାଣ ପାଇଁ ଇଡକୋକୁ ଦାୟିତ୍ୱ ଦିଆଯାଇଛି। ଇଡକୋ ମଧ୍ୟ ଏହାର ଟେଣ୍ଡର କରି ନିର୍ମାଣ ପାଇଁ ଠିକାଦାର ଚୟନ କରିସାରିଛି। ହକି ଟର୍ଫ ସେଂଟର ପାଇଁ ଚିହ୍ନଟ ଜମିରେ ମଧ୍ୟ କେତେକ ଗଛ ରହିଛି। ସେଗୁଡିକୁ ମଧ୍ୟ ଗଣାଯାଇ ତାକୁ କାଟିବାକୁ ଡିଏଫଓଙ୍କ ଠାରୁ ଅନୁମତି ନେବାକୁ ପଡିବ।

# କଲୋନୀ ୟୁଥ୍ ରିକ୍ରିଏଶନ କ୍ଲବର ଆଲୋଚନା ସଭା

ଦିଗପହଣ୍ଡି, ୧୩।୨(ଡି.ଏନ.ଏ.)

ଦିଗପହଣ୍ଡି ଏନ୍ଏସିର ୧ ନମ୍ବର ୱାର୍ଡ ଅଞ୍ଚଳ କଲୋନୀରେ ଥିବା କଲୋନୀ ୟୁଥ୍ ରିକ୍ରିଏସନ କ୍ଲବର ନୂତନ କାର୍ଯ୍ୟକର୍ତ୍ତା ମାନଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ରବିବାର ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ କ୍ଲବର ବିକାଶ ପାଇଁ ବିସ୍ତୃତ ଆଲୋଚନା କରାଯାଇ ବିଭିନ୍ନ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଶେଷରେ କ୍ଲବ ସଦସ୍ୟ ରଞ୍ଜିତ କୁମାର ବେହେରାଙ୍କୁ ସର୍ବସମ୍ମତି କ୍ରମେ କ୍ଲବର ସଭାପତି ମନୋନୀତ କରାଯାଇଥିବା ବେଳେ ନୃସିଂହ ଚରଣ ବେହେରା ଉପସଭାପତି, ବିଘ୍ନରାଜ ପାଣିଗ୍ରାହୀ ସମ୍ପାଦକ, ପିଣ୍ଟୁ ମହାନ୍ତି ସହସମ୍ପାଦକ ଏବଂ ମନୋଜ କୁମାର ପଟ୍ଟନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। କ୍ଲବର ଆଇନ ପରାମର୍ଶଦାତା ଭାବେ କୁରେଶୁ ପଣ୍ଡାଙ୍କୁ ଚୟନ କରାଯିବା ସହ ତପନ କୁମାର ମିଶ୍ର, ଆଇନଜୀବୀ ହରପ୍ରସାଦ ରଥ ଏବଂ ମନୋରଞ୍ଜନ ପଣ୍ଡାଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ମଧ୍ୟ ଗଠନ କରାଯାଇଛି। କ୍ଲବର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଲକ୍ଷ୍ମୀନାରାୟଣ ପାଢୀ, ନୀଳକଣ୍ଠ ପଟ୍ଟନାୟକ, ରାଜକିରଣ ଦାଶ ରହିଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ବାବୁଲା ମହାରଣା, ହରପ୍ରସାଦ ସେଠୀ, ଲଡୁକିଶୋର ପଟ୍ଟନାୟକ, ସରୋଜ କୁମାର ପାଢୀ, ସନ୍ଦୀପ ପାଣିଗ୍ରାହୀ, ଗଣେଶ ଗୌଡ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚିକରଡ଼ାବାସୀ ବାଛିବେ ସରପଞ୍ଚ, ସମିତିସଭ୍ୟ

ଗୋପାଳପୁର, ୧୩।୨(ଡି.ଏନ.ଏ.)

ଗୋପାଳପୁର ନିର୍ବାଚନମଣ୍ଡଳୀ ୫୪ ନଂ. ଜୋନ ଅଧୀନ ଚିକରଡ଼ା ପଞ୍ଚାୟତରେ ୩ ଦଶନ୍ଧି ଧରି ଚୟନ ପ୍ରକ୍ରିୟାରେ ପ୍ରାର୍ଥୀମାନେ ମନୋନୀତ ହେଉଥିବା ବେଳେ ଚଳିତ ଥର ଉକ୍ତ ପଞ୍ଚାୟତରେ ନିର୍ବାଚନ ହେଉଛି। ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଚିକରଡ଼ା ଗାଁଟି ପୂର୍ବେ ରଣ୍ଡା ପଞ୍ଚାୟତରେ ରହିଥିଲା। ୧୯୯୨ରେ ଏହା ସ୍ୱତନ୍ତ୍ର ପଞ୍ଚାୟତ ଭାବେ ଗଠିତ ହୋଇ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ଚୟନ କରାଯାଉଥିଲା। ଏଥିସହ ଉନ୍ନୟନମୂଳକ କାର୍ଯ୍ୟ ଗ୍ରାମ୍ୟ କମିଟିରେ ନିଷ୍ପତ୍ତି ପ୍ରକାରେ ପରିଚାଳିତ ହୋଇଥାଏ। ଚଳିତ ନିର୍ବାଚନରେ ଏକାଧିକ ପ୍ରାର୍ଥୀ ସରପଞ୍ଚ ଓ ସମିତିସଭ୍ୟ ପାଇଁ ଆଶାୟୀ ଥିବା ଯୋଗୁ ଗ୍ରାମ୍ୟ କମିଟି ଦ୍ୱାରା ଚୟନ ପ୍ରକ୍ରିୟା ହୋଇପାରି ନ ଥିଲା। ଏଠାରେ ଚୟନ ନ ହୋଇପାରି ନିର୍ବାଚନ ହେବ। ଫଳରେ ଏଥର ପ୍ରଥମ କରି ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କୁ ପଞ୍ଚାୟତବାସୀ ଭୋଟ ଦେବେ। ସରପଞ୍ଚ ପଦବୀ ଅଣସଂରକ୍ଷିତ ଥିବା ବେଳେ ସମିତିସଭ୍ୟ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏଠାରେ ତିନିଜଣ ସରପଞ୍ଚ ଓ ୪ ଜଣ ସମିତିସଭ୍ୟ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବା ସହ ଗ୍ରାମରେ ପୋଷ୍ଟର ଲଗାଇ ନିର୍ବାଚନ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି।

# ମାଛଧରା ଜାଲ ପୋଡ଼ିଦେଲେ ଦୁର୍ବୃତ୍ତ

ଚିକିଟି, ୧୩।୨(ଡି.ଏନ.ଏ.)

ଚିକିଟି ବ୍ଲକ ଅନ୍ତର୍ଗତ ପାଟିସୁନପୁର ଗ୍ରାମର ଶେଷ ମୁଣ୍ଡରେ ଥିବା ସାଇମନ୍ଦିର ନିକଟସ୍ଥ ଏକ ଘରେ ରଖାଯାଇଥିବା ମାଛଧରା ଜାଲକୁ କିଛି ଦୁର୍ବୃତ୍ତ ଶନିବାର ମଧ୍ୟରାତ୍ରରେ ପୋଡି ଦେଇଛନ୍ତି। ଏଥିରେ ୩ଜଣଙ୍କର ୩ଟି ଜାଲ ପୋଡି ପାଉଁଶ ହୋଇଯାଇଛି, ଯାହାର ଆନୁମାନିକ ମୂଲ୍ୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ୱାଇ. ଓଲୟା ରବିବାର ସାମୁଦ୍ରିକ ଥାନାରେ ଏତଲା ଦେଇଛନ୍ତି। ନଂ. ୩/୨୨ ରୁଜୁ କରି ସାମୁଦ୍ରିକ ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ପ୍ରକାଶଥାଉ କି ପାଟିସୁନାପୁରର ୱାସପୁଲି ଓଲେୟା (୬୦) କରିଥିବା ଅଭିଯୋଗ ମୁତାବକ, ପାଟିସୁନାପୁରରେ ରହୁଥିବା ରଙ୍କନିଧି ପଲେଇ, ଡକ୍କୁ କୋଟେସ ଏବଂ ଦନାର୍ଦ୍ଦନ ଶନିବାର ବିଳମ୍ବିତ ରାତି ସାଢ଼େ ୧୨ଟା ସମୟରେ କିଛି ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଏକ ଘରେ ରଖାଯାଇଥିବା ୩୦ ଲକ୍ଷ ଟଙ୍କାର ମାଛଧରା ଜାଲକୁ ପେଟ୍ରୋଲ ଢାଳି ଜାଳିଦେଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ବେକରେ ମରଣାସ୍ତ୍ର ଦେଇ ଜୀବନରେ ମାରିବାକୁ ଧମକ ଦେବା ସହ କଥା ନ ଶୁଣିଲେ ଗ୍ରାମରେ ଆହୁରି ଆତଙ୍କ ସୃଷ୍ଟି କରାଯିବ ବୋଲି ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଗ୍ରାମ ଲୋକଙ୍କ ଜୀବନ ପ୍ରତି ବିପଦ ରହିଥିବା ଦର୍ଶାଇ ତୁରନ୍ତ ଉକ୍ତ ତିନି ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି।



ଅଗ୍ନିକାଣ୍ଡର ଦୃଶ୍ୟ।

# ଲୋକେ ପିଉଛନ୍ତି ଦୂଷିତ ପାଣି

## ଦୁରିଙ୍ଗିଗୁଡ଼ା ଗ୍ରାମରେ ଜଳକଷ୍ଟ

ଆର.ଉଦୟଗିରି/ପାରଳାଖେମୁଣ୍ଡି, ୧୩।୨(ଡି.ଏନ.ଏ.)

ମୋହନା ବ୍ଲକ ଅନ୍ତର୍ଗତ ଗୁଲୁବା ପଞ୍ଚାୟତର ଦୁରିଙ୍ଗିଗୁଡା ଗ୍ରାମରେ ପାନୀୟ ଜଳ ଯୋଗାଣ ଯୋଜନା ଫେଲ୍ ମାରିଛି। ରାଜ୍ୟ ସରକାର ରାଜ୍ୟବାସୀଙ୍କ ହିତ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା କରିଚାଲିଛନ୍ତି। କିନ୍ତୁ ଉପାନ୍ତ ଗ୍ରାମଗୁଡିକରେ ସେହି ସବୁ ଯୋଜନା ଫଳପ୍ରଦ ହୋଇପାରୁନି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର କୋଟି କୋଟି ଟଙ୍କା ମଞ୍ଜୁର କରୁଛନ୍ତି। ହେଲେ ପ୍ରଶାସନର ଅପାରଗତା ସାଙ୍ଗକୁ ନିର୍ବାଚିତ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ସବୁ ଯୋଜନା ବାଟବଣା ହୋଇଯାଉଛି। ଏଭଳି ଏକ ଜଳକ୍ଳିଷ୍ଟ ଗାଁ ହେଉଛି ମୋହନା ବ୍ଲକର ଗୁଲୁବା ପଞ୍ଚାୟତ ଅଧୀନ ଦୁରିଙ୍ଗିଗୁଡା ଗ୍ରାମ। ଦୀର୍ଘ ବର୍ଷ ଧରି ଏହି ଗ୍ରାମବାସୀ ଚୁଆଁର ଦୂଷିତ ଜଳକୁ ପାନୀୟ, ରୋଷେଇ, ଲୁଗା ସଫା, ସ୍ନାନ ଓ ଶୌଚ ଭାବେ ବ୍ୟବହାର କରି ଆସୁଛନ୍ତି। ଗୁଲୁବା ପଞ୍ଚାୟତ କାର୍ଯ୍ୟାଳୟଠାରୁ ମୁଠାଗୁଡା ଗ୍ରାମକୁ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ପାର୍ଶ୍ୱରେ ରହିଛି ଏହି ଗ୍ରାମ। ଏହି ଚୁଆଁର ଦୂଷିତ ଜଳକୁ ଗ୍ରାମର ପୁରୁଣା ସାହି ଓ ନୂଆସାହିର ଲୋକେ ବର୍ଷ ବର୍ଷ ଧରି ବ୍ୟବହାର କରୁଛନ୍ତି। ଫଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା କହିଛନ୍ତି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଜଳ କଷ୍ଟ ଦୂର ପାଇଁ ଗ୍ରାମରେ ଗୋଟିଏ ବି ନଳକୂପ ନ ଥିବାରୁ ତୁରନ୍ତ ଦୁଇଟି ସାହିରେ ୨ଟି ନଳକୂପ ଖନନ କରିବା ପାଇଁ ଦାବି କରିଛନ୍ତି।



ଚୁଆଁରୁ ପାଣି ସଂଗ୍ରହ କରୁଛନ୍ତି ମହିଳା।

# ଉତ୍ସାହ ଭରିଲେ ଷ୍ଟାର ପ୍ରଚାରକ

## ନୟାଗଡ଼ ଜିଲା ପଞ୍ଚାୟତ ନିର୍ବାଚନ ପରିକ୍ରମା

ନୟାଗଡ଼ ଅଫିସ, ୧୩।୨

ନୟାଗଡ଼ ନିର୍ବାଚନମଣ୍ଡଳୀରେ ପ୍ରଚାରରେ ବିଜେଡି, ଭାଜପା ଓ କଂଗ୍ରେସ ଟକ୍କରା ଟକ୍କରି ଚାଲିଛି। ନୟାଗଡ଼ ବ୍ଲକ ସିନ୍ଧୁରିଆରେ ଟେଲି କଳାକାର ସୋଫିଆ ଆଲାମ ବିଜେଡି ପାଇଁ କ୍ୟାମ୍ପେନ କରିଛନ୍ତି। ବିଜେଡିର ଜିଲା ପରିଷଦ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ନବେଦନ କରିଛନ୍ତି। ସେହିପରି ମନ୍ତ୍ରୀ ଅରୁଣ ସାହୁ ଘରକୁ ଘର ବୁଲି ପ୍ରଚାରକୁ ତ୍ୱରାନ୍ୱିତ କରୁଛନ୍ତି। ଭାଜପା ପକ୍ଷରୁ ଜିଲାସଭାପତି ଲାଲା ମନୋଜ ରାୟ ଓ ନାରିନେତ୍ରୀ ଇରାନୀ ରାୟ, କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ ପ୍ରଚାରରେ ସାମିଲ ହୋଇଛନ୍ତି। ସେହିପରି ରଣପୁର ନିର୍ବାଚନମଣ୍ଡଳୀର ଶରଣକୁଳ ଜୋନର ଶରଣକୁଳ ବଜାରରେ ଭାଜପା ପକ୍ଷରୁ ନିର୍ବାଚନୀ ପ୍ରଚାର କରାଯିବା ସହ ଏକ ସଭା ହୋଇଥିଲା। ଏଥିରେ ଭାଜପାର ଜିଲାସଭାପତି ରାୟ, ନାରିନେତ୍ରୀ ଲେଖାଶ୍ରୀ ସମାନ୍ତସିଂହାର, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ୟାସୀ ପ୍ରଧାନ, ଭାଗବତ ସେଠୀ, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପାତ୍ର ଯୋଗଦେଇ ଜିଲା ପରିଷଦ ପ୍ରାର୍ଥୀ କୁମାରୀ ପାତ୍ରଙ୍କୁ ବିଜୟୀ କରିବାକୁ କହିଥିଲେ। ଭାଜପା ଜିତିଲେ ଶରଣକୁଳରେ ଏନ୍ଏସି କରାଯିବା ସହ ପାନୀୟ ଜଳ ସମସ୍ୟା ଦୂରିଭୂତ କରାଯିବ। ସେହିପରି ଅନ୍ୟ ସମସ୍ୟାଗୁଡିକୁ ସମାଧାନ କରାଯିବ। କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କର ବିଫଳତା ନେଇ ଏଠାରେ ନେତାମାନେ ବର୍ଷିଥିଲେ।

### ମହିଳା ଚାଷୀଙ୍କ ଭୋଟ ପ୍ରଚାର

ଓଡଗାଁ ବ୍ଲକ ହରିହରପୁର ପଞ୍ଚାୟତରେ ମହିଳା ଚାଷୀ ବସନ୍ତ ଦେଇ ସମିତିସଭ୍ୟା ଭାବେ ପ୍ରାର୍ଥୀ ହୋଇଛନ୍ତି। ମହିଳା ଚାଷୀ ବସନ୍ତ ସ୍ୱାମୀ ରୁଷିଆ ପ୍ରଧାନଙ୍କ ସହ ମିଶି ଭୋଟ ପ୍ରଚାର କରୁଛନ୍ତି। ଏକ ସାଇକେଲ ପଛ ପାଖରେ ସତସତିକା ଷ୍ଟୁଲ ରଖି ନିଜର ନିର୍ବାଚନ ପ୍ରଚାର ଚଳାଇଛନ୍ତି। ଭୋଟରଙ୍କୁ ନିବଦେନ କରୁଛନ୍ତି ଯିଏ ପଞ୍ଚାୟତର ସମସ୍ୟା ସମାଧାନ କରିବ ତାଙ୍କୁ ଭୋଟ ଦିଅ । ଅନ୍ୟପକ୍ଷେ ଭୋଟରମାନଙ୍କୁ ନିର୍ବାଚନୀ ଖର୍ଚ୍ଚ ମାଗି ପ୍ରଚାର କରୁଛନ୍ତି।

### ଭୋଜି ଉପହାରରେ ପ୍ରଚାର

ପଞ୍ଚାୟତ ନିର୍ବାଚନକୁ ନେଇ ନୟାଗଡ଼ ଜିଲାର ୨୪ଟି ଜିଲା ପରିଷଦ ଜୋନରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ୱାର୍ଡମେମ୍ବର ପାଇଁ ବଳ କଷାକଷି ଚାଲିଛି। ସେହିପରି ସରପଞ୍ଚ, ସିମତିସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ସବୁଠି ନିର୍ବାଚନୀ ପ୍ରଚାର ଓ ସଭା ଚାଲିଛି। ପାନ ଦୋକାନଠାରୁ ସେଲୁନ ପର୍ଯ୍ୟନ୍ତ ସବୁଠାରେ ନିର୍ବାଚନୀ ଚର୍ଚ୍ଚା। କିଏ ଜିତିବ ଆଉ କିଏ ହାରିବ। ଭୋଟ ହାତେଇବାକୁ ଭୋଜି ଭାତର ଆସର ବଢ଼ିଛି। ସେହିପରି ଟଙ୍କା ବଣ୍ଟନର ଅଭିଯୋଗ ରହିଛି। ଇଟାମାଟି ଅଞ୍ଚଳର ଜଣେ ଶ୍ରମିକ କହିଛନ୍ତି, ଦୁଇ ପ୍ରମୁଖ ଦଳରୁ ୨ ହଜାର ଟଙ୍କା ଲେଖାଏ ମିଳିଛି। ଏଣୁ ପରିବାରର ଭୋଟ ଭାଗ ବାଣ୍ଟି ଦେବୁ। ଟଙ୍କା ନ ଦେଇ ଭୋଟ ଦେଲେ କ'ଣ ହେବ ପଚାରିବାରୁ କହିଥିଲେ, କାହାରିକୁ ମୁଁ ଟଙ୍କା ମାଗିନି। ମୋତେ ଭୋଟ ଦେବାକୁ ଘରେ ଆଣି ଟଙ୍କା ଦିଆଯାଇଛି ବୋଲି ସେ କହିଥିଲେ। ହେଲେ ଏ କଥା କାହାରିକୁ କହିବେନି କହିଥିଲେ। କହିଲେ ମୋ ରୋଜଗାର ବୁଡିଯିବ କହିଛନ୍ତି।